

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : wwwödhwanipratidhwaniönet

email: pratidhwaniödhwani@gmailöcom

ବାଲେଶ୍ୱର ❑ ଶନିବାର ୦୭ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 November 2026

Vol No 36 ■ No 291 ■ Price :Rs. 2.00 (8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ଓବିସି କ୍ରିମି ଲେୟର ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ: ବାପାମାଆଙ୍କ ଦରମା ଆୟ ହେବନି ଗଣନା



ନୂଆଦିଲ୍ଲୀ,୬/୧୧ : ଓବିସି ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି । କ୍ରିମି ଲେୟର ନିର୍ଦ୍ଧାରଣରେ ବାପାମାଆଙ୍କ ଦରମା ଓ କୃଷି ଆୟକୁ ଗଣନା କରାଯିବ ନାହିଁ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଦାଖଲ କରିଥିବା ସଂଶୋଧନ ଆବେଦନକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଫଳରେ ଓବିସି ବର୍ଗର ଚାକିରି ଆଶାୟୀ ଓ ୟୁପିଏସସିପରୀକ୍ଷାର୍ଥୀଙ୍କ ପାଇଁ ଏହି ରାୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଓବିସି କ୍ରିମି ଲେୟର ନିର୍ଦ୍ଧାରଣ କରିବା ସମୟରେ କେବଳ ବାପାମାଆଙ୍କ ଦରମା ଆୟକୁ ଆଧାର କରାଯାଇପାରିବ ନାହିଁ। ବରଂ ସେମାନେ କେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କ ସାମାଜିକ-ଆର୍ଥିକ ସ୍ଥିତି କ'ଣ, ତାହାକୁ ବିଚାରକୁ ନେବାକୁ ପଡ଼ିବ। ମାର୍ଚ୍ଚ ୧୧, ୨୦୨୬ରେ ଦିଆଯାଇଥିବା ରାୟକୁ ପୁଣିଥରେ ଦୋହରାଇଛନ୍ତି କୋର୍ଟ। ତେବେ ଏହି ରାୟରେ ପୁରୁଣା ନିଯୁକ୍ତି ଓ ପଦୋନ୍ନତିକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ରହିଛି। ପୂର୍ବରୁ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସିନିୟରିଟି କିମ୍ବା ପଦୋନ୍ନତି ପୁନର୍ବାର ଖୋଲାଯିବ ନାହିଁ। ଅର୍ଥାତ୍ ଏହି ନିଷ୍ପତ୍ତିର ପ୍ରୟୋଗକୁ ସୀମିତ ରଖିଛନ୍ତି କୋର୍ଟ। ଏହି ରାୟରୁ ୨୦୨୫ ୟୁପିଏସସି ବ୍ୟାଚ୍‌ର ମନୋନୀତ ପ୍ରାର୍ଥୀମାନେ ମଧ୍ୟ ଆଶ୍ୱସ୍ତି ପାଇବେ। ସେମାନଙ୍କ ସର୍ଭିସ୍ ଆଲଟମେଣ୍ଟ ମାର୍ଚ୍ଚ ୨୦୨୬ର ରାୟ ଅନୁସାରେ କରାଯିବ। ଅନ୍ୟପଟେ ଏହି ନିୟମକୁ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଦୁଇ ବର୍ଷ ସମୟ ମାଗିଥିଲେ। ଚଟ୍ଟ ଓ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପଦବୀକୁ ସରକାରୀ ପଦବୀ ସହ ତୁଳନା କରିବା ଏବଂ ନୂଆ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଏହି ସମୟ ଲୋଡ଼ିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଦୁଇ ବର୍ଷର ମହଲତ ଦେବାକୁ ମନା କରିଛନ୍ତି। ତେବେ ରାୟ କାର୍ଯ୍ୟକାରୀ କରିବାକୁ ଆଠ ସପ୍ତାହର ଅତିରିକ୍ତ ସମୟ ଦେଇଛନ୍ତି। ପ୍ରକୃତରେ ୧୯୯୩ର ସରକାରୀ ନିୟମ ଅନୁସାରେ ଓବିସି କ୍ରିମି ଲେୟର ନିର୍ଦ୍ଧାରଣ ସମୟରେ ବାପାମାଆଙ୍କ ଦରମା ଓ କୃଷି ଆୟକୁ ବାଦ୍ ଦିଆଯାଉଥିଲା। କିନ୍ତୁ ଚଟ୍ଟ ଓ ଘରୋଇ ସଂସ୍ଥାର କର୍ମଚାରୀଙ୍କ କ୍ଷେତ୍ରରେ ଏହି ଆୟକୁ ଗଣନା କରାଯାଉଥିବାରୁ ଅସମାନତା ଅଭିଯୋଗ ଉଠିଥିଲା। ଏହାକୁ ଚ୍ୟାଲେଞ୍ଜ କରି କିଛି ଓବିସି ଆଶାୟୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

କୋଟିଆ ପ୍ରସଙ୍ଗରେ ସରକାର ଚୁପ୍ ବସିବେନି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ଚୁପ୍ ବସିବେ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସମସ୍ତ ଦିଗକୁ ତର୍ଜମା କରାଯାଉଛି। ଆବଶ୍ୟକ ବିଚାରବିମର୍ଶ ପରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କୋଟିଆ ବିବାଦକୁ ନେଇ ମନ୍ତ୍ରୀ କଡ଼ା ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି ଯେ, ଏହି ବିବାଦ ଦୀର୍ଘ ବର୍ଷର। ଏଥର ଆନ୍ଧ୍ରପ୍ରଦେଶ ପକ୍ଷରୁ ନିର୍ବାଚନ କରାଯିବାକୁ ମଧ୍ୟ ଜୋରଦାର ବିରୋଧ କରାଯାଇଥିଲା। ମନ୍ତ୍ରୀଙ୍କ କହିବା ଅନୁଯାୟୀ, ପୂର୍ବ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନଥିବାରୁ ଆଇନଗତ ମାମଲାରେ ଓଡ଼ିଶାକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ବର୍ତ୍ତମାନ ସମସ୍ତ ଆଇନଗତ ଦିଗକୁ ନେଇ ରାଜସ୍ୱ ବିଭାଗ ତର୍ଜମା କରିବ। ଏହାପରେ ବିଚାରବିମର୍ଶ କରାଯାଇ ଆଗାମୀ ଦିନରେ କେଉଁ ଆଇନଗତ ପଦକ୍ଷେପ ନିଆଯାଇପାରିବ, ସେନେଇ ନିଷ୍ପତ୍ତି ହେବ।

୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ବାଲିଆପାଳର ସବ୍‌ରେଜିଷ୍ଟ୍ରାର



ବାଲିଆପାଳ , ୦୬/୧୧ (ନି.ପ୍ର): ଜମି ରେଜେଷ୍ଟ୍ରି କରିବା ପାଇଁ ସବରେଜିଷ୍ଟର ୭ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ମାଡି ବସିଲା ଭିଜିଲାନ୍ସ ବିଭାଗ । ବାରିପଦା ଭିଜିଲାନ୍ସ ବିଭାଗର ୧୧ ଜଣିଆ ଟିମ ଅଚାନକ ଚଢ଼ାଉ କରି ଟଙ୍କା ଜବତ କରିବା ସହିତ ବାଲିଆପାଳ ସବ ରେଜିଷ୍ଟର ମନୀଷା ମିଶ୍ରଙ୍କୁ ହେପାଜତରେ ନେଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ସବରେଜିଷ୍ଟର ଅଫିସରେ ସବରେଜିଷ୍ଟର ମନୀଷା ମିଶ୍ର ଦୀର୍ଘ ୮ ମାସ ଧରି ବାଲିଆପାଳ ଅଫିସରେ କାର୍ଯ୍ୟରତ ଥିଲେ, ସେ ବିଭିନ୍ନ ସମୟରେ ଲୋକଙ୍କଠାରୁ ଲାଞ୍ଚ ନେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା, ବାଲିଆପାଳ ଅଂଚଳର ଜ୍ଞାନ ରଞ୍ଜନ ପାତ୍ରଙ୍କର ଜମିରେ ରେଜେଷ୍ଟ୍ରି କରିବା ପାଇଁ ସବରେଜିଷ୍ଟର ମନୀଷା ମିଶ୍ର ୧୦ ହଜାର ଟଙ୍କା ◆◆ପୃଷ୍ଠା ୭

ଫେବୃଆରୀ ୧୬ରୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା: ୪୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦେବେ ପରୀକ୍ଷା



ଭୁବନେଶ୍ୱର, ୦୬/୧୧ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଆଜି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୦୨୬ ଫେବୃଆରୀ ୧୬ ତାରିଖ ମଙ୍ଗଳବାରଠାରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଆରମ୍ଭ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରୁ ପରୀକ୍ଷା ହେବ। ବୋର୍ଡ ପକ୍ଷରୁ ୧୦୧ ଦିନ ପୂର୍ବରୁ ଏହି କାର୍ଯ୍ୟସୂଚୀ ଜାରି କରାଯାଇଛି, ଯାହା ଉଭୟ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତି ନିମନ୍ତେ ଯଥେଷ୍ଟ ସମୟ ପ୍ରଦାନ କରିବ। ବୋର୍ଡ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଜାରି ସୂଚନା ଅନୁସାରେ, ଚଳିତ ଶିକ୍ଷାବର୍ଷରେ ଦେଶ ତଥା ବିଦେଶରୁ ମୋଟ ୪୬ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପଞ୍ଜିକରଣ କରିଛନ୍ତି। ଏଥିରେ ଦଶମ ଶ୍ରେଣୀର ୨୬.୫ଲକ୍ଷରୁ ଅଧିକ ଓ ଦ୍ୱାଦଶ ଶ୍ରେଣୀର ୧୯.୮ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ଅଛନ୍ତି। ବୋର୍ଡ ପକ୍ଷରୁ ଦଶମ ଶ୍ରେଣୀର ୮୩ଟି ଓ ଦ୍ୱାଦଶ ଶ୍ରେଣୀର ୧୨୧ଟି ବିଷୟ ପାଇଁ ପରୀକ୍ଷା ଆୟୋଜନ କରାଯାଉଛି। ଏହି ପରୀକ୍ଷା କାର୍ଯ୍ୟସୂଚୀ ପ୍ରସ୍ତୁତିବେଳେ ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ଉପଯୁକ୍ତ ବ୍ୟବଧାନ ରଖାଯିବା ସହ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ◆◆ପୃଷ୍ଠା ୭

ରାଜ୍ୟର ସରକାରୀ ମେଡିକାଲ କଲେଜ ଗୁଡ଼ିକରେ ବଢ଼ିଲା ୩୧୮ଟି ପିଜି ସିଟ୍

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଜାତୀୟ ମେଡିକାଲ କମିଶନ (ଏନଏମ) ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ୧୪ଟି ବିଭାଗରେ ୩୧୮ଟି ପିଜି ସିଟ୍ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହି ବୃଦ୍ଧି ଯୋଗୁଁ ରାଜ୍ୟରେ ମୋଟ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଞ୍ଚିଛି। ପୂର୍ବରୁ ରାଜ୍ୟର କଟକ ସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ,ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ, ବୁର୍ଲା ସ୍ଥିତ ଭୀମସାର, ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱର ସ୍ଥିତ ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଏବଂ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ସମେତ ଆଚାର୍ଯ୍ୟ ହରିହର ସ୍ୱାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ପିଜି ମେଡିକାଲ ଶିକ୍ଷା ପ୍ରଦାନ କରାଯାଉଥିଲା । ଆଜି ଜାତୀୟ ମେଡିକାଲ କମିଶନଙ୍କ ଅନୁମୋଦନ କ୍ରମେ ରାଜ୍ୟର ନୂତନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ପ୍ରଥମ ଥର ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିମଧ୍ୟରେ କେନ୍ଦୁଝରର ଧରଣୀଧର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ୧୦ଟି ବିଭାଗରେ ୪୪ଟି, ସୁନ୍ଦରଗଡର ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୨ଟି, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୯ଟି ବିଭାଗରେ ୨୮ଟି, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୧୦ଟି ବିଭାଗରେ ୩୨ଟି ଏବଂ ଫୁଲବାଣୀର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୭ଟି ପିଜି ସିଟ୍ ଅନୁମୋଦନ ମିଳିଛି ।

◆◆ପୃଷ୍ଠା ୭

ମୁଖ୍ୟମନ୍ତ୍ରୀଙ୍କ ବଡ଼ ଭେଟି : ତିନିଟି ପର୍ଯ୍ୟାୟରେ ନିର୍ମାଣ ହେବ ୯୫୨ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ




ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଭିତ୍ତିପ୍ରସ୍ତର ଆଜି(ଶୁକ୍ରବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରରେ ସ୍ଥାପନ କରିଛନ୍ତି । ଏଥିରୁ କେବଳ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ରହିଛି। ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ। ଏହାସହ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩୦ଟି ଅନ୍ୟ ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଜ୍ୟରେ ଶିକ୍ଷାର ଭିତ୍ତିଭୂମିର ବିକାଶ ସମ୍ପର୍କରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଥମ ୩ ବର୍ଷରେ ୨ ହଜାର ୨୦୦ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନୁନ୍ୟ ୫ ଏକର ଜମି ଓ ଗମନାଗମନର ସୁବିଧା ଥିବା ଗ୍ରାମଗୁଡ଼ିକରେ ଏହି ସ୍କୁଲ ସ୍ଥାପିତ ହେଉଛି। ପୂର୍ବରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମସ୍ଥାନ ବାଣପୁରରୁ ୧୧୮ଟି ଏବଂ ଖୋର୍ଦ୍ଧାରୁ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ଆଜି ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ୬୩୦ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ମୋଟ ୯୫୨ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶିକ୍ଷାର ରୂପାନ୍ତରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ରାଜ୍ୟରେ ଶିଶୁବାଟିକା ଆରମ୍ଭ କରାଯାଇ ୪୫ ହଜାରରୁ ଅଧିକ ସ୍କୁଲରେ ଖୋଲାଯାଇଛି । ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଗତ ଅଢ଼େଇ ବର୍ଷ ଭିତରେ ୨୮ ହଜାର ୬୩୯ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ମେଡିକାଲ୍ ◆◆ପୃଷ୍ଠା ୭

ସବୁ ସୁନା ଦୋକାନରେ ଭିଡ଼

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଧନତେରସ ଅବସରରେ ରାଜଧାନୀର ସବୁ ସୁନା ଦୋକାନରେ ଦେଖିବାକୁ ମିଳିଛି ଭିଡ଼। କିଏ ସୁନା ମୁଦି, କାନଫୁଲ, ଚେନ୍ ଓ ହାର କିଣୁଥିବା ବେଳେ ଆଉ କେହି ରୁପା ମୁଦ୍ରା ଓ ବାସନକୁସନ କିଣିବାକୁ ପସନ୍ଦ କରୁଛନ୍ତି। ବହୁ ପୁରାତନ କାଳରୁ ବିଶ୍ୱାସ ରହିଛି ଯେ ଧନତେରସ ଦିନ ସୁନା, ରୁପା କିମ୍ବା ନୂଆ ସାମଗ୍ରୀ କିଣିଲେ ଘରେ ସୁଖ, ସମୃଦ୍ଧି ଓ ଧନବୃଦ୍ଧି ହୋଇଥାଏ। ଆଜି ଧନତେରସ ପାଇଁ ୨୨ କ୍ୟାରେଟ ୧୦ ଗ୍ରାମ ସୁନାର ଦାମ୍ ୧ଲକ୍ଷ ୩୧ ହଜାର ୫୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ ୧୦ ଗ୍ରାମ ସୁନାର ଦାମ୍ ୧ ଲକ୍ଷ ୪୩ ହଜାର ୪୫୦ଟଙ୍କା ରହିଛି। ତେବେ ଆଜି ଧନତେରସ ପାଇଁ ସୁନା ଦର ଅଢ଼େଇ ହଜାର ଟଙ୍କା କମିଛି। ତେଣୁ ଧନତେରସରେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଅନ୍ୟପଟେ ବ୍ୟବସାୟୀମାନେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ନୂଆ ଡ଼ିଜାଇନ୍ ସହିତ ଆକର୍ଷଣୀୟ ଅଫର ମଧ୍ୟ ରଖିଛନ୍ତି। କିଛି ଅଳଙ୍କାର ଦୋକାନୀ ଗଡା ମଜୁରୀ ଉପରେ ରିହାତି ପ୍ରଦାନ କରୁଥିବାବେଳେ ହୀରା ଅଳଙ୍କାର କ୍ରୟ ଉପରେ ସ୍ୱତନ୍ତ୍ର ଅଫର ରହିଛି।

ମୁମ୍ବାଇର ୪ଟି ବଡ଼ ସ୍ଥାନକୁ ବୋମା ଧମକ: ଅମିତାଭଙ୍କ 'ଜଲସା'ଠାରୁ ବମ୍ବେ ହାଇକୋର୍ଟ ପର୍ଯ୍ୟନ୍ତ ଆତଙ୍କ, ତଦନ୍ତରେ ପୁଲିସ



ନୂଆଦିଲ୍ଲୀ,୬/୧୧ : ମୁମ୍ବାଇର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇବାକୁ ଧମକ ମିଳିବା ପରେ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏକ ଧମକପୂର୍ଣ୍ଣ ଇ-ମେଲ୍‌ରେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ବଙ୍ଗଳା 'ଜଲସା', ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ୱର୍ଲି ରେସକୋର୍ସର ନାଁ ଉଲ୍ଲେଖ ରହିଥିବା ଜଣାପଡ଼ିଛି । ଧମକ ମିଳିବା ପରେ ମୁମ୍ବାଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଇ-ମେଲ୍ କିଏ ପଠାଇଛି, ତାକୁ ଚିହ୍ନଟ କରିବାକୁ ଉଦ୍ୟମ ଚାଲିଛି । ସୁରକ୍ଷା ଏଜେନ୍ସିଗୁଡ଼ିକୁ ମଧ୍ୟ ସତର୍କ କରାଯାଇଛି । ଏହା ପୂର୍ବରୁ ମଧ୍ୟ ଅମିତାଭ ବଚ୍ଚନଙ୍କ ନାଁ ନେଇ ଧମକ ମିଳିଥିଲା । ଅକ୍ଟୋବର ୨୨ ତାରିଖରେ ମୁମ୍ବାଇର ଏକ ସ୍କୁଲକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା ।

◆◆ପୃଷ୍ଠା ୭

ରାହୁଲ ଗାନ୍ଧୀଙ୍କୁ ଅମିତ ଶାହଙ୍କ ଟାର୍ଗେଟ୍: ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର ହେବ କେନ୍ଦ୍ର



ନୂଆଦିଲ୍ଲୀ,୬/୧୧ : ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗକୁ ନେଇ ପୁଣି ଥରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଉତ୍ତରାଖଣ୍ଡର ଡେରାଡୁନସ୍ଥିତ ପରେଡ୍ ପଡ଼ିଆରେ ଭାରତୀୟ ଜନତା ପାର୍ଟିର କର୍ମୀମାନଙ୍କୁ ସମ୍ବୋଧିତ କରି ସେ ରାହୁଲ ଗାନ୍ଧୀଙ୍କ ଉପରେ ତୀବ୍ର ରାଜନୈତିକ ଆକ୍ରମଣ କରିଛନ୍ତି । ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ରାହୁଲ ଗାନ୍ଧୀ ଅଭିଯାନ ଚଳାଉଥିବା ଓ ଲୋକଙ୍କ ମଧ୍ୟରେ ଭୁଲ୍ ଧାରଣା ସୃଷ୍ଟି କରୁଥିବା ଶାହ ଅଭିଯୋଗ କରିଛନ୍ତି । ଶାହ କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ତାଲିକାରୁ ସେମାନଙ୍କ ନାମ ବାଦ୍ ଦେବା ଓ ଦେଶରୁ ବାହାର କରିବା ହେଉଛି ବିଜେପିର ଲକ୍ଷ୍ୟ। ଦେଶର ସୀମା ସୁରକ୍ଷା ସହିତ ଭାରତର ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏହି ପ୍ରସଙ୍ଗରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ◆◆ପୃଷ୍ଠା ୭

ଡିଙ୍କିଆରେ ଗ୍ରାମୀଣ ଭିତ୍ତିଭୂମି ବିକାଶକୁ ଆଉ ଏକ ପଦକ୍ଷେପ: ନୂତନ ରାସ୍ତା ନିର୍ମାଣ ପାଇଁ ଜେଏସ ଉତ୍କଳ ଷ୍ଟିଲ୍ ଓ ଜେଏସ ଫାଉଣ୍ଡେସନ୍ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ



ପାରାଦୀପ, ୦୬/୧୧ (ନି.ପ୍ର): ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜେଏସ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଔଝଡ ଫାଉଣ୍ଡେସନ୍ ପକ୍ଷରୁ ଡିଙ୍କିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡିଙ୍କିଆ ଗ୍ରାମରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ପଦକ୍ଷେପ ଅଞ୍ଚଳର ସାମୁଦାୟିକ ବିକାଶ ଓ ଉନ୍ନତ ଗମନାଗମନ ବ୍ୟବସ୍ଥା ପ୍ରତି ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜେଏସ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଡିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ବିକାଶ ଏବଂ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜେଏସ ନିରନ୍ତର ପ୍ରୟାସର ଏକ ଅଂଶ। ୧୯୦ ମିଟର ଲମ୍ବ ଓ ୧୨ ଫୁଟ୍ ଚଉଡ଼ା ବିଶିଷ୍ଟ ଏହି କଂକ୍ରିଟ୍ ରାସ୍ତାଟି ଶ୍ରୀ ବଂଶୀଧର ଭୋଳଙ୍କ ଘରଠାରୁ ଗ୍ରାମର ନଦୀକୂଳ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଏହା ସ୍ଥାନୀୟ ଗ୍ରାମବାସୀଙ୍କ ଦୀର୍ଘଦିନର ଏକ ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବ। ବର୍ଷ ବର୍ଷ ଧରି ବିଶେଷକରି ବର୍ଷା ଋତୁରେ ଜଳବନ୍ଦୀ ଓ କାଦୁଆ ରାସ୍ତା ଯୋଗୁଁ ଗ୍ରାମବାସୀମାନେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ଦୈନନ୍ଦିନ ଜୀବନ ଓ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିଲା। ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ ହେବା ଦ୍ୱାରା ବର୍ଷସାରା ଯାତାୟାତ ସୁବିଧାଜନକ ହେବା ସହ ଗ୍ରାମବାସୀଙ୍କ ପାଇଁ ନିରାପଦ ଓ ସୁଗମ ଗମନାଗମନ ସୁନିଶ୍ଚିତ ହୋଇପାରିବ। ଏହାଦ୍ୱାରା ଛାତ୍ରଛାତ୍ରୀ, ଚାଷୀ, ବୟସ୍କ ବ୍ୟକ୍ତି ଏବଂ ଜରୁରୀକାଳୀନ ସେବାର ଯାତାୟାତ ମଧ୍ୟ ଅଧିକ ସହଜ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପକୁ ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି। ଏହି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅଞ୍ଚଳରେ ଜେଏସ ଉତ୍କଳ ଷ୍ଟିଲ୍ ଓ ଜେଏସ ଫାଉଣ୍ଡେସନ୍ ପକ୍ଷରୁ ଜାରି ରହିଥିବା ସମାଜ ବିକାଶମୂଳକ କାର୍ଯ୍ୟକ୍ରମରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ସ୍ଥାନୀୟ ଜନସାଧାରଣ ଓ ଗ୍ରାମସ୍ତରୀୟ ସଂସ୍ଥାଗୁଡ଼ିକ ସହ ନିରନ୍ତର ସମନ୍ୱୟ ରକ୍ଷା କରି ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଗମନାଗମନରେ ଉନ୍ନତି ଆଣିବା ଏବଂ ଅଞ୍ଚଳବାସୀଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ଦିଗରେ ଜେଏସ ପ୍ରତିବଦ୍ଧ ରହିଛନ୍ତି। ଏହି ଶିଳାନ୍ୟାସ ସମାରୋହରେ ଜେଏସ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ଶ୍ରୀ ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ଶ୍ରୀ ସମରେନ୍ଦୁ ପଟ୍ଟନାୟକ ଏବଂ ଜେଏସ ଫାଉଣ୍ଡେସନ୍, ପାରାଦୀପର ସିଏସଆର ମୁଖ୍ୟ ଶ୍ରୀ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ।ଏହି ଅବସରରେ ଧିଙ୍କିଆ ଗ୍ରାମର ପ୍ରମୁଖ ସାମାଜିକ ପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ଡିଙ୍କିଆ ଗ୍ରାମ କମିଟିର ସଭାପତି ଶ୍ରୀ ମୁରଲୀଧର ସାହୁ, ଡିଙ୍କିଆ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଶ୍ରୀ ଅନିଲ ଭୋଳ, ଶ୍ରୀ ଅନନ୍ତ ସ୍ୱାଇଁ ଓ ଶ୍ରୀ ବସନ୍ତ ଗୋଛାୟତଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ଯୋଗଦେଇଥିଲେ।

୧୪ରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬

ଭୁବନେଶ୍ୱର,୬/୧୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬। ରଗ୍‌ବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମ୍ ଠାରେ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' ଆୟୋଜିତ ହେବ। ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପ୍ ରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଭାରତ ପୁରୁଷ ଟିମ୍ ରେ ପୁଷ୍ପେନ୍ଦର (କ୍ୟାପ୍ଟେନ), ରଞ୍ଜନ ରାଓ୍ୱତ (ଭାଇସ୍ କ୍ୟାପ୍ଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର, ସୁବାସ ହାଁସଦା ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଥିବା ବେଳେ ଭାରତ ମହିଳା ଟିମ୍ ରେ ତନୁଶ୍ରୀ ଭୋଁସଲେ, ମାମାଲି ସିଂ, ଅକ୍ଷୟା ଏନ୍‌ଏସ, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଳି ତାଠେ, ଖୁସି ଦେବୀ, କୀର୍ତି ଯାଦବ, ଆଦିତି ସଖାରାମ୍ ଲୋଣ୍ଢେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି।

ଭାରତ ପୁରୁଷ ଟିମ୍ ରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମ୍ ରେ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି।

ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍ ?ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଲୋଗୋ ଉନ୍ମୋଚିତ ହୋଇଥିଲା।ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପ୍ ର ଲୋଗୋରେ ଓଡ଼ିଶାର ପାରମ୍ପରିକ କଳା 'ଝୋଟିଚିତା'କୁ ପ୍ରଦର୍ଶିତ କରାଯାଇଛି।

ଆଜିର ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ କହିଥିଲେ ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମ୍ ରେ ୩ ଟି ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିୟନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍, ଅସ୍ମିତା ରଗ୍‌ବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗ୍‌ବୀ ୧୫ ଏସ୍ ଚାମ୍ପିୟନସିପ୍-ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି। ୨୦୧୮ ମସିହା ପରେ ଚଳିତ ବର୍ଷ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିୟନସିପ୍ (ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬) ଅନୁଷ୍ଠିତ ହେଉଛି। ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ରଗ୍ ?ବୀ ଚାମ୍ପିୟନସିପ୍ ଅନୁଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ପୁନିଆ କହିଛନ୍ତି।

ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ୍‌ର ସଭାପତି ଶ୍ରୀ ରାହୁଲ ବୋଷ କହିଥିଲେ ଯେ, ଦୀର୍ଘ ୮ ବର୍ଷ ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ରଗ୍‌ବୀ ଚାମ୍ପିୟନସିପ୍ ଆୟୋଜିତ ହେଉଛି। ରଗ୍‌ବୀର ବିକାଶ ପାଇଁ ଓଡ଼ିଶା ସରକାର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ନିରନ୍ତର ଭାବେ ସହଯୋଗ ପ୍ରଦାନ କରିଛନ୍ତି। ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ରେ ଭାଗ ନେଉଥିବା ସମସ୍ତ ଦେଶର ଦଳଗୁଡ଼ିକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଏହି ଅନ୍ତର୍ଜାତୀୟ ଚାମ୍ପିୟନସିପ୍‌ର ଆୟୋଜନ ଦେଶର ଅନେକ ଯୁବ କ୍ରୀଡ଼ାବିତ୍‌ଙ୍କୁ ରଗ୍‌ବୀରେ ନିଜ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ବୋଷ କହିଛନ୍ତି। ଓଡ଼ିଶାର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ରଗ୍‌ବୀ ଚାମ୍ପିୟନସିପ୍‌ର ଆୟୋଜନ ରଗ୍‌ବୀର ବିକାଶ ଦିଗରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ଶ୍ରୀ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି।

ମୃତ୍ତିକା-୨୦୨୬ର ଅବଧି ଶନିବାର ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୬/୧୧ (ନି.ପ୍ର): ଜନସାଧାରଣଙ୍କ ଆଗ୍ରହ, ଚାହିଦା ଏବଂ ଦୀପାବଳି ପର୍ବକୁ ଦୃଷ୍ଟିରେ ରଖି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ' ମୃତିକା-୨୦୨୬ 'ର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ପ୍ରଦର୍ଶନୀ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଥିବା ବେଳେ ଏବେ ଏହା ନଭେମ୍ବର ୭ ତାରିଖ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ । ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୩୧ ତାରିଖରୁ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଏହି ପ୍ରଦର୍ଶନୀ ଆରମ୍ଭ ହୋଇଥିଲା । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ । ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଗତକାଲି ସୁଦ୍ଧା ଏହି ପ୍ରଦର୍ଶନୀରେ ପ୍ରାୟ ୩ କୋଟି ଟଙ୍କାର ବ୍ୟବସାୟ ହୋଇଛି । ଟେରାକୋଟା ଓ କୁମ୍ଭାର ଶିଳ୍ପୀମାନଙ୍କ ହାତତିଆରି ସୁନ୍ଦର ଓ ଆକର୍ଷଣୀୟ ସାମଗ୍ରୀର ବିପୁଳ ସମ୍ଭାର ସହ ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଆକୃଷ୍ଟ କରୁଛି । ପ୍ରଦର୍ଶନୀର ଅବଧି ବୃଦ୍ଧି ଫଳରେ ଜନସାଧାରଣ ଅଧିକ ଦିନ ପର୍ଯ୍ୟନ୍ତ ଏହି ସାମଗ୍ରୀ କ୍ରୟ କରିବା ସହ ରାଜ୍ୟର ମୃତିକା ଶିଳ୍ପୀମାନଙ୍କ କଳାକୃତିକୁ ଉତ୍ସାହିତ କରିବାର ସୁଯୋଗ ପାଇପାରିବେ ।

ହେଲମେଟ୍ ପିନ୍ଧନ୍ତୁ, ଟ୍ରାଫିକ୍ ନିୟମ ମାନନ୍ତୁ, ସୁରକ୍ଷିତ ରୁହନ୍ତୁ: ଜନସାଧାରଣଙ୍କୁ ଆଇଜି ଡଃ ସତ୍ୟଜିତ ନାୟକଙ୍କ ନିବେଦନ

କଟକ/ଭୁବନେଶ୍ୱର,୬/୧୧ (ନି.ପ୍ର): ଜୀବନ ଅମୂଲ୍ୟ। ଟିକିଏ ଅସାବଧାନତା ଯୋଗୁଁ ନିଜର ଏବଂ ଅନ୍ୟର ଜୀବନ ବିପଦରେ ପଡ଼ିପାରେ। ତେଣୁ ରାସ୍ତାରେ ଗାଡ଼ି ଚଳାଇବା ସମୟରେ ସର୍ବଦା ସତର୍କ ରହିବା ସହ ଟ୍ରାଫିକ୍ ନିୟମକୁ ନିଷ୍ଠାର ସହ ପାଳନ କରିବା ଆବଶ୍ୟକ। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ନିଜ ସୁରକ୍ଷା ପାଇଁ ହେଲମେଟ୍ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରନ୍ତୁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତା ବାର୍ତ୍ତା ଦେଇ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରାଂଚଳ ଆଇଜି ଡଃ ସତ୍ୟଜିତ ନାୟକ।

ଆଇଜି ଡଃ ନାୟକ କହିଛନ୍ତି ଯେ, ହେଲମେଟ୍ କେବଳ ପୋଲିସ କିମ୍ବା ଟ୍ରାଫିକ୍ ବିଭାଗର ନିୟମ ପାଳନ ପାଇଁ ନୁହେଁ, ବରଂ ଏହା ନିଜ ଜୀବନକୁ ସୁରକ୍ଷିତ ରଖିବାର ଏକ ଅତ୍ୟାବଶ୍ୟକ ସୁରକ୍ଷା କବଚ। ଅନେକ ସମୟରେ ଦୁର୍ଘଟଣା ଘଟିବା ପରେ ହେଲମେଟ୍ ନ ପିନ୍ଧିବା ଯୋଗୁଁ ଚାଳକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥାଏ ଏବଂ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଏ। ଯଦି ଆମେ ଯାତ୍ରା ଆରମ୍ଭ ପୂର୍ବରୁ ହେଲମେଟ୍ ପିନ୍ଧିବା ଏବଂ ଟ୍ରାଫିକ୍ ନିୟମ ପାଳନ କରିବା, ତେବେ ଅନେକ ଅପ୍ରୀତିକର ଦୁର୍ଘଟଣାର ଗମ୍ଭୀରତାକୁ କମାଇ ପାରିବା।

ସେ ଆହୁରି କହିଛନ୍ତି ଯେ, ରାସ୍ତାରେ ଗାଡ଼ି ଚଳାଇବା ସମୟରେ ଅନାବଶ୍ୟକ ଭାବେ ଅଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ମୋବାଇଲ୍ ଫୋନ୍ ରେ କଥା ହେବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଟ୍ରାଫିକ୍ ସିଗନାଲ୍ ଅବମାନନା କରିବା ଭଳି ଅଭ୍ୟାସରୁ ନିବୃତ୍ତ ରହିବା ଦରକାର। ଦୁଇଚକିଆ ଯାନରେ ଚାଳକଙ୍କ ସହ ପଛରେ ବସିଥିବା ଯାତ୍ରୀ ମଧ୍ୟ ହେଲମେଟ୍ ପିନ୍ଧିବା ଉଚିତ। ସେହିପରି ଚାରିଚକିଆ ଯାନ ଚଳାଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ିର କାଗଜପତ୍ର ଠିକ୍ ରଖିବା ଏବଂ ରାସ୍ତାରେ ଅନ୍ୟ ଯାତ୍ରୀଙ୍କ ପ୍ରତି ଦାୟିତ୍ୱବାନ ଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ।

"ହେଲମେଟ୍ ପିନ୍ଧନ୍ତୁ, ସରକାରଙ୍କ ନିୟମ ପାଳନ କରି ଗାଡ଼ି ଚଳାନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଆପଣଙ୍କ ଜୀବନ କେବଳ ଆପଣଙ୍କର ନୁହେଁ, ଆପଣଙ୍କ ପରିବାରର ମଧ୍ୟ ଅମୂଲ୍ୟ ସମ୍ପଦ। ଘରୁ ବାହାରିବା ପୂର୍ବରୁ ହେଲମେଟ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ। ଦୁର୍ଘଟଣା ପରେ ଅନୁତାପ କରିବା ଅପେକ୍ଷା ପୂର୍ବରୁ ସତର୍କ ରହିବା ଅଧିକ ବୁଦ୍ଧିମାନର କାମ" ବୋଲି ଆଇଜି ଡଃ ସତ୍ୟଜିତ ନାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ସଡ଼କ ସୁରକ୍ଷା କେବଳ ପୋଲିସ କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ। ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ଅଭିଭାବକମାନେ ମଧ୍ୟ ନିଜ ପିଲାମାନଙ୍କୁ ଟ୍ରାଫିକ୍ ନିୟମ ପାଳନର ଗୁରୁତ୍ୱ ବୁଝାଇବା ସହ ନିଜେ ଉଦାହରଣ ସୃଷ୍ଟି କରନ୍ତୁ। ଯୁବପିଢ଼ି ବେପରୁଆ ଗାଡ଼ି ଚାଳନା, ରେସିଂ ଏବଂ ଷ୍ଟଣ୍ଟ୍ ପ୍ରଦର୍ଶନରୁ ଦୂରେଇ ରହିବା ଉଚିତ।

ସମସ୍ତଙ୍କ ସଚେତନତା, ଦାୟିତ୍ୱବୋଧ ଓ ନିୟମ ପାଳନ ଦ୍ୱାରା ହିଁ ସଡ଼କ ଦୁର୍ଘଟଣା ହ୍ରାସ କରିବା ସମ୍ଭବ। ତେଣୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରନ୍ତୁ। ହେଲମେଟ୍ ପିନ୍ଧିବା ଅଭ୍ୟାସ କରନ୍ତୁ, ଟ୍ରାଫିକ୍ ନିୟମ ମାନନ୍ତୁ, ନିଜ ଜୀବନ ସହ ଅନ୍ୟର ଜୀବନକୁ ସୁରକ୍ଷା ଦିଅନ୍ତୁ।

ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଘରକୁ ଘର ସର୍ଭେ ଅବଧି ନଭେମ୍ବର ୧୪ ଯାଏଁ ବୃଦ୍ଧି

ଭୁବନେଶ୍ୱର,୬/୧୧ (ନି.ପ୍ର): ସାମ୍ପ୍ରତିକ ବାତ୍ୟା 'ଅର୍ଣ୍ଣବ' ଓ 'ମୁରାସୁ'ର ପ୍ରଭାବ ଯୋଗୁଁ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଜନଜୀବନ ସାଧାରଣ ଭାବେ ପ୍ରଭାବିତ ହୋଇଛି। ବାତ୍ୟା ପରବର୍ତୀ ପ୍ରବଳ ବର୍ଷା ଓ ଅନ୍ୟାନ୍ୟ ପ୍ରତିକୂଳ ପାଣିପାଗ ପରିସ୍ଥିତି ଯୋଗୁଁ ଏହି ଦୁଇ ଜିଲ୍ଲାରେ ଚାଲିଥିବା ଘରକୁ ଘର (ସର୍ଭେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା କଷ୍ଟକର ହୋଇପଡ଼ିଛି। ଏହି ପରିସ୍ଥିତିକୁ ବିଚାରକୁ ନେଇ ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଘରକୁ ଘର ସର୍ଭେରେ ସଠିକ୍ ଓ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ସର୍ଭେ କାର୍ଯ୍ୟର ସମୟସୀମା ନଭେମ୍ବର ୧୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ସର୍ଭେ କାର୍ଯ୍ୟ ନଭେମ୍ବର ୭ ତାରିଖ ସୁଦ୍ଧା ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ଏହି ଦୁଇ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସର୍ଭେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରି ସଂଶୋଧିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ତେବେ, ଏହି ସମୟସୀମା ବୃଦ୍ଧି କେବଳ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା ପାଇଁ ଲାଗୁ ହେବ। ଅନ୍ୟ ସମସ୍ତ ଜିଲ୍ଲା ପାଇଁ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଓ ସର୍ଭେ ସମ୍ପର୍କିତ ସମୟସୀମା ଅର୍ଥାତ ୦୭ ନଭେମ୍ବର ଯାଏ ଅପରିବର୍ତିତ ରହିବ।

ଗଂଜାମର ୨ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର ,୬/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗଞ୍ଜାମ ତହସିଲର ମନୋରଞ୍ଜନ ଦାସ (୩୦) ଓ ତୋଫାନ ଦାସ (୨୬), (ପିତା- ନିରଞ୍ଜନ ଦାସ)ଙ୍କ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକ ଦ୍ୱୟଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

ଦୀପାବଳି ପୂର୍ବରୁ ପୂର୍ବ ତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଅଭିଯାନ

ଭୁବନେଶ୍ୱର,୬/୧୧ (ନି.ପ୍ର): ଦୀପାବଳି ପର୍ବ ନିକଟତର ହେଉଥିବାରୁ ଅଗ୍ନିକାଣ୍ଡ ରୋକିବା ଏବଂ ଅଗ୍ନି ନିରାପତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନଭେମ୍ବର ୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ଜୋନାଲ ନିରାପତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ପୂର୍ବ ତଟ ରେଳପଥର ସମସ୍ତ ଅଂଚଳରେ ପରିଚାଳିତ ହେଉଛି।

ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ସମସ୍ତ ବିଭାଗର ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏହି ଅଭିଯାନ ଚାଲିଛି। ସମ୍ଭାବ୍ୟ ଅଗ୍ନିକାଣ୍ଡର କାରଣ ଚିହ୍ନଟ କରିବା, ଅଗ୍ନି ନିର୍ବାପକ ଉପକରଣର ଉପଲବ୍ଧତା ଓ କାର୍ଯ୍ୟକ୍ଷମତା ଯାଂଚ କରିବା ସହ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ, କିରୋସିନ, ଏସିଡ୍ ଏବଂ ଅନ୍ୟାନ୍ୟ ଦହନଶୀଳ ବା ବିପଜ୍ଜନକ ସାମଗ୍ରୀ ନେବାରୁ ବାରଣ କରାଯାଇଛି। ଯାତ୍ରୀବାହୀ ଟ୍ରେନ୍ ?ରେ ଏଭଳି ନିଷିଦ୍ଧ ସାମଗ୍ରୀ ପରିବହନ କରିବା ରେଳ ଆଇନ, ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। କୌଣସି ସନ୍ଦେହଜନକ ସାମଗ୍ରୀ କିମ୍ବା ନିୟମ ଉଲ୍ଲଂଘନ ଦେଖିଲେ ଯାତ୍ରୀମାନେ ସତର୍କ ରହି ରେଳ କର୍ମଚାରୀଙ୍କୁ ଜଣାଇବା ସହ ରେଳ ହେଲ୍ପଲାଇନ ନମ୍ବର ୧୩୯ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। କୋଚ୍ ଓ ପାଂଟ୍ରି କାର୍‌ର ବିଦ୍ୟୁତ୍ ତାର ଏବଂ ନିରାପତା ବ୍ୟବସ୍ଥା ଯାଂଚ କରାଯାଇ ଢିଲା ତାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ଚିହ୍ନଟ କରାଯିବ। ମୋବାଇଲ୍ ଫୋନ୍ ଓ ଲାପଟପ୍ ଚାର୍ଜିଂ ପଏଂଟରେ ହିଟର୍ କିମ୍ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର ନକରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। କୋଚ୍ ରେ 'ଧୂମପାନ ନିଷେଧ' ସୂଚନା ଫଳକ ଲଗାଇବା ସହ ଯାତ୍ରୀଙ୍କ ଯାତାୟାତ ପାଇଁ ପଥ, ଭେଷ୍ଟିବ୍ୟୁଲ୍ ଓ କୋଚ୍ ଦ୍ୱାରଗୁଡ଼ିକୁ ବାଧାମୁକ୍ତ ରଖିବା ନିଶ୍ଚିତ କରାଯିବ।

ଏହି ଅଭିଯାନରେ ରେଳ ଅଧିକାରୀମାନେ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳବାଇ ପୋଲିସ (ଜିଆରପି) ସହ ସମନ୍ୱୟ ରକ୍ଷା କରି ଲଗେଜ ବଗି (ଏସ୍‌ଏଲ୍‌ଆର)ରେ ସାମଗ୍ରୀ ଲୋଡ୍ କରିବା ପୂର୍ବରୁ ଯାତ୍ରୀଙ୍କ ଲଗେଜ୍ ଓ ପାର୍ସଲଗୁଡ଼ିକର ଅଚାନକ ଯାଂଚ କରିବେ। ରେଳ ଷ୍ଟେସନ, କୋଚ୍, ପାଂଟ୍ରି କାର୍ ପାୱାର କାର୍ ଓ ଇଞ୍ଜିନ୍ ରେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଧୂଆଁ ଓ ଅଗ୍ନି ଚିହ୍ନଟ ଆଲାର୍ମ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ମଧ୍ୟ ଯାଂଚ କରାଯିବ। କୋଚ୍ ଓ ପାଂଟ୍ରି କାର୍‌ର ବିଦ୍ୟୁତ୍ ତାର ଏବଂ ନିରାପତା ବ୍ୟବସ୍ଥା ଯାଂଚ କରାଯାଇ ଢିଲା ତାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ଚିହ୍ନଟ କରାଯିବ। ମୋବାଇଲ୍ ଫୋନ୍ ଓ ଲାପଟପ୍ ଚାର୍ଜିଂ ପଏଂଟରେ ହିଟର୍ କିମ୍ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର ନକରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। କୋଚ୍ ରେ 'ଧୂମପାନ ନିଷେଧ' ସୂଚନା ଫଳକ ଲଗାଇବା ସହ ଯାତ୍ରୀଙ୍କ ଯାତାୟାତ ପାଇଁ ପଥ, ଭେଷ୍ଟିବ୍ୟୁଲ୍ ଓ କୋଚ୍ ଦ୍ୱାରଗୁଡ଼ିକୁ ବାଧାମୁକ୍ତ ରଖିବା ନିଶ୍ଚିତ କରାଯିବ। ପାଂଟ୍ରି କାର୍ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କୁ ଅଗ୍ନି ନିରାକରଣ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦିଆଯିବ। ଯାତ୍ରୀମାନଙ୍କୁ ଅଗ୍ନି ନିରାପତା ସମ୍ପର୍କରେ ସଚେତନ କରିବା ପାଇଁ ରେଳ ଷ୍ଟେସନ ଓ ଟ୍ରେନ୍‌ଗୁଡ଼ିକରେ ସଚେତନତା ଫଳକ, ଷ୍ଟିକର୍ ଲଗାଯିବା ସହ ପ୍ରଚାରପତ୍ର ବଂଟନ କରାଯିବ।

ଷ୍ଟେସନ କର୍ମଚାରୀ, କ୍ୟାବିନ କର୍ମଚାରୀ, ଗେଟମ୍ୟାନ୍ ଓ ଟ୍ରେନ୍ ପରିଚାଳନା ସହ ଜଡ଼ିତ କର୍ମଚାରୀମାନଙ୍କୁ ଅଧିକ ସତର୍କ ରହିବା ସହ ଅତିକ୍ରମ କରୁଥିବା ଟ୍ରେନ୍‌ରେ ଅଗ୍ନିକାଣ୍ଡର କୌଣସି ସଙ୍କେତ ଦେଖିଲେ ତୁରନ୍ତ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସହରୀ ବିକାଶମୂଳକ ପଦକ୍ଷେପର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୬/୧୧ (ନି.ପ୍ର): ରାଜ୍ୟର ସହରାଂଚଳରେ ଚାଲିଥିବା ପ୍ରମୁଖ ବିକାଶମୂଳକ ପଦକ୍ଷେପ ଓ ବିଭାଗର ପ୍ରାଥମିକତା ଭିତିକ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର।

ଶୁକ୍ରବାର ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭାଗର ବିଭିନ୍ନ ଯୋଜନା ଓ ପ୍ରମୁଖ ପ୍ରସଙ୍ଗର ସମୀକ୍ଷା କରିଥିଲେ ।

ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଶ୍ରୀ ଗଙ୍ଗାଧର ନାୟକ ଓ ଶ୍ରୀ ବିନୟ କୁମାର ଦାଶଙ୍କ ସମେତ ବିଭାଗର ସମସ୍ତ ଅତିରିକ୍ତ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ବୈଠକରେ ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬, ସହରୀ ଯାତାୟାତ ଯୋଜନା , ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ଏବଂ ଜିଲ୍ଲା ସହର ଉନ୍ନୟନ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମେତ ବିଭାଗର ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

ଡ୍ରାଫ୍ଟ ଓଡ଼ିଶା ପାର୍କିଂ ନୀତି-୨୦୨୬ ସମ୍ପର୍କିତ ଉପସ୍ଥାପନାରେ ରାଜ୍ୟର ସହରାଂଚଳଗୁଡ଼ିକରେ ପାର୍କିଂ ବ୍ୟବସ୍ଥାର ରୂପାନ୍ତରଣ ପାଇଁ ପ୍ରସ୍ତାବିତ ଢାଂଚା ଉପରେ ଆଲୋକପାତ କରାଯାଇଥିଲା । ଦ୍ରୁତଗତିରେ ବଢୁଥିବା ଯାନବାହନ ସଂଖ୍ୟା ଯୋଗୁଁ ସହରର ସୀମିତ ରାସ୍ତା ଓ ସ୍ଥାନ ଉପରେ ବଢୁଥିବା ଚାପକୁ ଦୃଷ୍ଟିରେ ରଖି ଏକ ସୁପରିକଳ୍ପିତ, ନିୟନ୍ତ୍ରିତ ଓ ପ୍ରଯୁକ୍ତିବିଦ୍ୟାଭିତିକ ପାର୍କିଂ ବ୍ୟବସ୍ଥା ଗଠନ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାୟୀ ସହରୀ ଯାତାୟାତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପାର୍କିଂ ପରିଚାଳନାକୁ ଗୁରୁତ୍ୱ ଦେବା ସହ ପଥଚାରୀଙ୍କ ସୁବିଧା, ସାଧାରଣ ପରିବହନ ଓ ଉପଲବ୍ଧ ଭିତିଭୂମିର ସୁବିନିଯୋଗ ଉପରେ ଏଥିରେ ବିଶେଷ ଧ୍ୟାନ ଦିଆଯାଇଛି ।

ପ୍ରସ୍ତାବିତ ନୀତିରେ ରାସ୍ତାର ସ୍ଥାନ ବଂଟନ କ୍ଷେତ୍ରରେ ପଥଚାରୀ, ସାଇକେଲ ଚାଳକ, ଦିବ୍ୟାଙ୍ଗ ବ୍ୟକ୍ତି, ଜରୁରୀକାଳୀନ ସେବା ଏବଂ ସାଧାରଣ ପରିବହନକୁ ପ୍ରାଥମିକତା ଦେବାର ବ୍ୟବସ୍ଥା ରହିଛି । ଏଥିସହ ପାର୍କିଂ ବ୍ୟବସ୍ଥାର ବୈଜ୍ଞାନିକ ଓ ସ୍ଥାନଭିତିକ ଯୋଜନା ପାଇଁ ସହରସ୍ତରୀୟ ପାର୍କିଂ ମାଷ୍ଟର ପ୍ଲାନ୍ ଏବଂ ଅଂଚଳଭିତିକ ପାର୍କିଂ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରହିଛି ।

ପାର୍କିଂ ଚାହିଦା ଅନୁଯାୟୀ ଶୁଳ୍କ ନିର୍ଦ୍ଧାରଣ, ରାସ୍ତାକଡ଼ ଓ ରାସ୍ତା ବାହାରେ ଥିବା ପାର୍କିଂ ସ୍ଥଳ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ବ୍ୟବସ୍ଥା, ଡିଜିଟାଲ୍ ପାର୍କିଂ ଅନୁମତିପତ୍ର, ରିଅଲ୍ ଟାଇମ୍ ପାର୍କିଂ ସୂଚନା, ଇଲେକ୍ଟ୍ରୋନିକ୍ ଦେୟ ବ୍ୟବସ୍ଥା ଏବଂ ପ୍ରଯୁକ୍ତିବିଦ୍ୟାଭିତିକ ତଦାରଖ ଭଳି ପ୍ରମୁଖ ବ୍ୟବସ୍ଥା ଏହି ନୀତିରେ ସ୍ଥାନ ପାଇଛି ।

ଏଥିସହ ଉପଲବ୍ଧ ପାର୍କିଂ ସ୍ଥଳଗୁଡ଼ିକର ମିଳିତ ବ୍ୟବହାର, ବୈଦ୍ୟୁତିକ ଯାନ ପାଇଁ ଉପଯୁକ୍ତ ପାର୍କିଂ ସୁବିଧା ଏବଂ ସାଧାରଣ ପରିବହନ ଓ ଅଣ-ମୋଟର ଚାଳିତ ଯାତାୟାତ ବ୍ୟବସ୍ଥା ସହ ପାର୍କିଂ ଭିତିଭୂମିର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି ।

ବାଣିଜ୍ୟିକ ଅଂଚଳ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଆବାସିକ ଅଂଚଳ, ଶିଳ୍ପାଂଚଳ ଓ ପରିବହନ କେନ୍ଦ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂ ଏବଂ ଯାତାୟାତ ପରିଚାଳନା ବ୍ୟବସ୍ଥାର ପ୍ରସ୍ତାବ ରହିଛି । ଏହାର ସଫଳ କାର୍ଯ୍ୟକାରିତା ଓ ନିୟମର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ପୌରସଂସ୍ଥା, ଟ୍ରାଫିକ୍ ପୋଲିସ ଏବଂ ଅନ୍ୟ ସମ୍ପୃକ୍ତ କର୍ତୃପକ୍ଷଙ୍କ ମଧ୍ୟରେ ଉତମ ସମନ୍ୱୟ ସ୍ଥାପନ ଉପରେ ମଧ୍ୟ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି ।

ସହରୀ ଯାତାୟାତ ଯୋଜନା ଓ ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ସମ୍ପର୍କିତ ଆଲୋଚନାରେ ଭବିଷ୍ୟତର ସହରୀ ଭିତିଭୂମି ଓ ଯାତାୟାତ ସମ୍ପର୍କିତ ପଦକ୍ଷେପଗୁଡ଼ିକର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ମତବିନିମୟ ହୋଇଥିଲା । ସେହିପରି ଜିଲ୍ଲା ସହର ଉନ୍ନୟନ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା କରାଯାଇ ଅନୁଷ୍ଠାନିକ ଦକ୍ଷତା ବୃଦ୍ଧି ଓ ସହରୀ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ଦକ୍ଷତାର ସହ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ବିଭାଗର ଚାଲୁ ରହିଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ଆକଳନ କରିବା ସହ ନୂତନ ପ୍ରାଥମିକତା ଓ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ରାଜ୍ୟରେ ସହରାଞ୍ଚଳ ବିକାଶକୁ ଅଧିକ ଗତିଶୀଳ କରିବା ପାଇଁ ବିଭାଗର ବିଭିନ୍ନ ଶାଖା ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା ।

ହିନ୍ଦୁ ଧର୍ମରେ ଶକ୍ତିମୟୀ ମା'କାଳୀ



ଡକ୍ଟର ଲକ୍ଷ୍ମଣ ସାହୁ

ମା' କାଳୀ ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଓ ଦେବୀ ଦୁର୍ଗାଙ୍କର ଶକ୍ତିଶାଳୀ ସ୍ୱରୂପ । କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ମଧ ପରିଚିତା। ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉତ୍ପତ୍ତି, ଏ ରକ୍ତବୀଜର ରକ୍ତ ପାନ କରିଥିଲେ । ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ । ମା' କାଳୀ ସ୍ୱରୂପରେ ଭୟଙ୍କର କୃଷ୍ଣକାୟା, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା (ଲହକା ଜିଭ), ମୁଣ୍ଡମାଳାଧାରିଣୀ । ତାଙ୍କର ଗୋଟିଏ ହାତ ଛିନ୍ନ-ମସ୍ତକ (ନରମୁଣ୍ଡ ବା ଖପର) ଧାରିଣୀ, ଅନ୍ୟଟି ଖଡ୍ଗ (ଖଣ୍ଡା)ରେ ଶୋଭିତ । ତୃତୀୟଟି ତ୍ରିଶୁଳ ଧାରଣ କରି ପାପୀ ରାକ୍ଷସମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ । ଚତୁର୍ଥଟି ଭକ୍ତମାନଙ୍କୁ ଅଭୟ ମୁଦ୍ରାରେ ଆଶ୍ୱାସନା ଓ ଆଶୀର୍ବାଦ ଦେଇଥାଏ । ସେ ଭୀଷଣ ଭୟଙ୍କର ରୂପରେ ଶିବଙ୍କ ଉପରେ ଦଣ୍ଡାୟମାନା ।

'କାଳୀ' ଶବ୍ଦ ସଂସ୍କୃତ ଶବ୍ଦ 'କାଲା'ରୁ ଉତ୍ପନ୍ନ ହୋଇଛି, ଯାହାର ଅର୍ଥ ଉଭୟ ସମୟ ଓ କଳା । ମିଳିତ ଗୁରୁତ୍ୱ ସୂଚିତ କରେ ଯେ ସେ ଗଭୀର ଧାରଣାର ପ୍ରତୀକ। ଏଥିରେ ଜୀବନର ଗୁରୁତ୍ୱପୂର୍ଣ୍ଣ ନୃତ୍ୟ ଓ ସମୟର ଅସୀମ ଚକ୍ର ଅନ୍ତର୍ଭୁକ୍ତ ହୁଏ । ଯାହା ବ୍ରହ୍ମାଣ୍ଡ ଶୂନ୍ୟସ୍ଥାନର ଗର୍ଭକୁ ବ୍ୟାପିଥାଏ । ମୁଖ୍ୟ ହିନ୍ଦୁ ପୁରାଣ ଓ ଧର୍ମତତ୍ତ୍ୱରେ କାଳୀଙ୍କ ଉତ୍ପତ୍ତି ଅସ୍ପଷ୍ଟ । କାରଣ ସେ ପୂର୍ବ- ବୈଦିକ ଓ ଅଣ-ବୈଦିକ ଆଦିବାସୀ ଦେବତାଙ୍କ ସହ ଜଡିତ ହେବାର ସମ୍ଭାବନା ରହିଛି । ପ୍ରାୟ ୫୦୦ ଖ୍ରୀଷ୍ଟପୂର୍ବ 'କାଳୀ' ନାମ ମଣ୍ଡୁକ ଉପନିଷଦ ରୁ ଉତ୍ପନ୍ନ ହୋଇଛି । ସେଥିରେ ଅଗ୍ନି (ଅଗ୍ନି ଦେବତା) ର ସାତୋଟି ଭାଷା ମଧ୍ୟରୁ ଗୋଟିଏକୁ ଦିଆଯାଇଛି । କାଳୀଙ୍କ ଅନ୍ୟ ରୂପଗୁଡ଼ିକ ରତ୍ରୀ ଦେବୀ (ରାତ୍ରି ଦେବୀ) ଓ ଋଗ୍ ବେଦ ଓ ଅଥର୍ବବେଦରେ ନିରତି (ଭୂତ) ଭାବରେ ଦେଖାଯାଏ । ପରବର୍ତ୍ତୀ ସମୟରେ,ପ୍ରାୟ ୩୦୦ ଖ୍ରୀଷ୍ଟପୂର୍ବରୁ ୪୦୦ ଖ୍ରୀଷ୍ଟାବ୍ଦରେ ମହାଭାରତରେ , ସୌପ୍ତିକା ପରଭା ଅଷ୍ଟମ, ବିରାଟ ପରଭା ଷଷ୍ଠ ଓ ଭୀଷ୍ମ ପରଭା ରେ କାଳୀଙ୍କୁ ଉଲ୍ଲେଖ କରାଯାଇଛି।

ଖ୍ରୀଷ୍ଟପୂର୍ବ ୫୦୦-୬୦୦ ଭିତରେ ହିନ୍ଦୁ ପନସ୍ଥାଅନ (ସବୁ ଦେବତାଙ୍କୁ ଉତ୍ସର୍ଗୀକୃତ ମନ୍ଦିର)ଙ୍କ ମଧ୍ୟରେ କାଳୀ ଏକ ଗୁରୁତ୍ୱପୂର୍ଣ୍ଣ କାନୋନିକାଲ୍ ମାନ୍ୟତା ହାସଲ କରିଥିବା ପାଠ ହେଉଛି ଦେବୀ ମହାତ୍ମ୍ୟ । ପ୍ରାୟ ୩୦୦ ଖ୍ରୀଷ୍ଟାବ୍ଦରେ ଏହା ମାର୍କଣ୍ଡେୟ ପୁରାଣରେ ଲେଖାଯାଇଥିଲା । ଦେବୀ ମହାତ୍ମ୍ୟ ହିନ୍ଦୁ ଧର୍ମର 'ମହାନ ପରମ୍ପରା'ରେ ଦେବୀଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ଏହାର ତୃତୀୟ ପର୍ଯ୍ୟାୟରେ କାଳୀ ଦୁର୍ଗାଙ୍କ କପାଳରୁ ଏକ ରୂପ ଭାବରେ ଉଭା ହୋଇଥିଲେ । ସେ ଚଣ୍ଡ, ମୁଣ୍ଡ, ରକ୍ତବିଜ, ଶୁମ୍ଭ ଓ ନିଶୁମ୍ଭଙ୍କୁ ହତ୍ୟା କରି ଚାମୁଣ୍ଡା ଆଖ୍ୟା ଅର୍ଜନ କରିଥିଲେ । ଏହି ଭୟଙ୍କର ବିନାଶକାରୀ ଅବତାର ହାସଲ କରିବା ପରେ ମା' କାଳୀ (ଚାମୁଣ୍ଡା) ଭୟଙ୍କର ନୃତ୍ୟ କରିଥିଲେ । ଏହି ଦେଖି ଦେବତାଗଣ ଭୟଭୀତ ହୋଇ ଶିବଙ୍କୁ ମା'ଙ୍କ କୋପରୁ ପୃଥିବୀକୁ ରକ୍ଷା କରିବାକୁ ଗୁହାରି କରିଥିଲେ । ଶେଷରେ ଶିବଙ୍କ ହସ୍ତକ୍ଷେପ ପରେ ମା'ଙ୍କ ତାଣ୍ଡବ ନୃତ୍ୟ ଶେଷ ହୋଇଥିଲା । ମହାଦେବ ଶିବ ମା' କାଳୀଙ୍କ ଆଗରେ ଲମ୍ଭ ହୋଇ ଶୋଇପଡିଲେ ଓ ମା' କାଳୀ ମହାଦେବଙ୍କ ଛାତିରେ ପାଦ ରଖିବା ପରେ ତାଣ୍ଡବ ନୃତ୍ୟ ଶେଷ ହୋଇଥିଲା । ମା' କାଳୀ ଯିଏ ମା ଦୁର୍ଗାଙ୍କ ଅନ୍ୟ ଅବତାର । ସ୍ୱାମୀ ଶିବଙ୍କ ଉପରେ ଗୋଡ ରଖିବା ପରେ ଜିଭ କାଢି ଦେଇଥିଲେ । ମା'ଙ୍କ ଜିଭ କଢା ଅବତାର କାଳୀ ଭାବେ ସୁପ୍ରସିଦ୍ଧ ।

ଆଶ୍ଚର୍ଯ୍ୟର କଥା ହେଉଛି କି, କାଳୀ ଭାଗବତ ଗୀତାରେ ସିଦ୍ଧାନ୍ତର ଏକ ତାନ୍ତ୍ରିକ ଅବାତର । ସେ କୌଣସି ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ରାକ୍ଷାସ ଓ ଏହା ସହିତ ସମ୍ବନ୍ଧିତ ବାହାର ଶତ୍ରୁଙ୍କ ବିପକ୍ଷରେ ଲଢେଇର ଦେବୀ । ଅବଶ୍ୟ ଏହାକୁ ଧର୍ମଶାସ୍ତ୍ରୀମାନେ ବିରୋଧ କରିପାରନ୍ତି । କିନ୍ତୁ ହିନ୍ଦୁ ଦେବତାଙ୍କ ମଧ୍ୟରେ ମା' କାଳୀଙ୍କ ବର୍ଣ୍ଣନା ବହୁତ ବିଳମ୍ବରେ ହୋଇଛି ଓ ମା' କାଳୀଙ୍କ ଆଦର୍ଶର ବିକାଶ ଗୀତା ବର୍ଣ୍ଣିତ ପରେ ହୋଇଛି । ହିନ୍ଦୁ ବିଶ୍ୱାସରେ ମା' କାଳୀଙ୍କ ଉପସ୍ଥିତି ନେଇ ଅଧିକ ଜାଣିବାକୁ ଅଷ୍ଟାଦଶ ଶତାବ୍ଦୀରେ ବର୍ଣ୍ଣିତ ବେଙ୍ଗଲୀ ଶାକ୍ତ କବିତାକୁ ପଢ଼ିବାକୁ ପଡିବ । ବଙ୍ଗୀୟ ଶାକ୍ତ କବି କମାଳାକାନ୍ତ ଭଟ୍ଟାଚାର୍ଯ୍ୟ ଓ ରାମପ୍ରସାଦ ସେନଙ୍କ ମତରେ ମା' କାଳୀ ହେଉଛନ୍ତି 'ଆଦିଭୂତ', 'ସନାତନୀ', 'ଶୂନ୍ୟରୂପୀ'। ମା'ଙ୍କ ରୂପରେ ଅଭିଭୂତ ହୋଇ ବାଳକ ରୂପି କବି ପଚାରିଲେ, 'ବ୍ରହ୍ମାଣ୍ଡ ଚିଲ୍ଲୋ ନା ଜାଖନ, ମୁଣ୍ଡୋ ମାଲା କୋଥା ପେଲି' । ଅର୍ଥାତ୍ ଯେତେବେଳେ ବ୍ରହ୍ମାଣ୍ଡ ନଥିଲା, ସେବେ ଆପଣଙ୍କ ବିକରେ ମୁଣ୍ଡମାଳା ଆସିଲା କେଉଁଠୁ । ବଙ୍ଗୀୟ ଶାକ୍ତ କବିତାରେ ହିନ୍ଦୁ ଧର୍ମରେ ମା' କାଳୀଙ୍କ ପୂଜା ପାଠ ସଂପର୍କରେ ବାଖ୍ୟା ହୋଇଛି । ମା' କାଳୀଙ୍କ ପୂଜାରେ ସାଧାରଣତଃ ପଞ୍ଚତତ୍ତ୍ୱ ବା ପଞ୍ଚମକାର ସାମିଲ ହୋଇଥାଏ । ପାଞ୍ଚ ତାନ୍ତ୍ରିକ ତତ୍ତ୍ୱ ଯଥା- ମଦ, ମାଂସ, ମାଛ, ଶସ୍ୟ, ମୈଥୁନ (ଇନ୍ଦ୍ରିୟ ସୁଖ) ସାମିଲ ହୋଇଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି , କାଳୀ ପୂଜାର ଏହି ଉପାଦାନଗୁଡିକ ସାମାଜିକ ମନ୍ଦତା ସୃଷ୍ଟି କରୁଥିବା ଉପାୟରେ ବ୍ୟବହାର ପାଇଁ ନୁହେଁ । ବରଂ ଅଧିକ ଆଧାତ୍ମିକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିଶେଷ କରି ମା' କାଳୀଙ୍କୁ ଭାରତରେ ପ୍ରମୁଖ ୧୦ (ଅବତାର) ରୂପରେ ପୂଜାପାଠ କରାଯାଏ । ଭାରତ ତଥା ଉପମହାଦେଶରେ ଦେବୀ ମା' କାଳୀ ଆଦି ଶକ୍ତି ଭାବେ ପୂଜା ପାଆନ୍ତି । ଦକ୍ଷିଣ ଏସିଆ, ବେଙ୍ଗଲ, ଆସାମ, ନେପାଳ, ଓଡିଶା, ଦକ୍ଷିଣ ଭାରତ, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ମା' କାଳୀଙ୍କୁ ସମାଜର ସବୁ ବର୍ଗର ଲୋକେ ପୂଜା ପାଠ କରିଥାନ୍ତି । ଏପରିକି ହିନ୍ଦୁ ଧର୍ମର ଶାସ୍ତ୍ର ଗୁଡିକରେ ମା' କାଳୀଙ୍କୁ ନେଇ ଅନେକ କଥାବସ୍ତୁ ବର୍ଣ୍ଣିତ । ଏପରିକି କେତେକ ପବିତ୍ର ସ୍ଥାନ ଅଛି , ଯାହା ମା' କାଳୀଙ୍କ ସହିତ ଜଡିତ ଥାଇ ମଧ ମୁସଲିମ ସୁଫି ସନ୍ଥଙ୍କ ସହ ଜଡିତ ରହିଛି । ଯେପରିକି ପାଭାଗଡର ସଦାନ ସାହ ଓ ଏଟଓ୍ୱା ସ୍ଥିତ ସାୟିଦ ବାବା ମଜାର । ବେକରେ ମଣିଷ ଖପୁରୀ, ହାତର ମାଳ ସହ ରକ୍ତରେ ଆଚ୍ଛାଦିତ ମା' କାଳୀଙ୍କ ଅବତାର । ଖ୍ରୀଷ୍ଟିଆନ ଉପନିବେଶ ମିସେନାରୀ ମୃତ୍ୟୁର ବାର୍ତ୍ତା ପ୍ରଦାୟିନୀ ମା' କାଳୀଙ୍କ ରୂପରେ ଖପ୍ପା ହୋଇଥିଲା । କାରଣ ଖ୍ରୀଷ୍ଟିଆନ ଉପନିବେଶ ମିସେନାରୀ ମା' କାଳୀଙ୍କ ଅବତାରରେ ଅତିଷ୍ଠ ହୋଇ ଭାରତର ଧାର୍ମିକ ଅନୁଚିନ୍ତାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲା ।

ଯିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଡାକୁଛନ୍ତି ସେ ହେଉଛନ୍ତି ମହାକାଳ । ଯିଏ ସେହି ମହାକାଳକୁ ନିୟନ୍ତ୍ରଣ କରନ୍ତି ସେ ହେଉଛନ୍ତି ମହାକାଳୀ । ପ୍ରକୃତରେ ମା' କାଳୀ ଅନନ୍ତତାର ପ୍ରତୀକ। ମହାନିର୍ବାଣ ତନ୍ତ୍ରରେ କୁହାଯାଇଛି ଯେ ମହାକାଳ ସମସ୍ତ ଜୀବଙ୍କୁ ଡାକୁଛନ୍ତି । ଯିଏ ନିଜ ଶରୀରରେ ମହାକାଳର ମହାପ୍ରହାର ଦ୍ୱାରା ଆହତ ହୋଇଥିବା ସୁଖ ପାଇଁ ସେହି ମା' ମହାକାଳୀକୁ ଡାକୁନାହିଁ । ବୁଝିବା ଆବଶ୍ୟକ ମହାକାଳର ନିକଟରେ କେହି ଅପରାଜିତ ନୁହଁନ୍ତି । ଯେଉଁମାନେ ଆତ୍ମ ଅହଂକାରରେ ନିରନ୍ତର ଗର୍ବିତ, ସେହିମାନଙ୍କୁ ଦିନେ କାଳର ଭୟଙ୍କର ପ୍ରହାର ସେମାନଙ୍କ ସମସ୍ତ ଗର୍ବ ଅହଙ୍କାରକୁ ଚୂର୍ଣ୍ଣ କରିବ ।

କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ ବିନାଶକାରୀଙ୍କ ଦ୍ୱାରା ପୂଜା ପାଇଥିବା ମାତା କାଳୀ । ପରବର୍ତ୍ତୀ ହଜାର ହଜାର ବର୍ଷ ପରେ ରାମପ୍ରସାଦ, ଶ୍ରୀରାମକୃଷ୍ଣ ଓ ବୃନ୍ଦାନନ୍ଦ ଆଗମବାଗୀଶଙ୍କ ଦ୍ୱାରା ମା' ଭାବରେ ପୂଜା ପାଇଥିଲେ ମାତା କାଳୀ । ମା' ଜଳରେ, ସ୍ଥଳରେ, ଅନ୍ତରୀକ୍ଷରେ, ଗଛରେ, ଅଗ୍ନିରେ, ଔଷଧରେ, ମାନବ ଶରୀରରେ, ମନରେ, ପ୍ରେମରେ, ବୃଦ୍ଧିରେ, ଗର୍ବରେ ସେ ସବୁ କିଛିରେ ବିଦ୍ୟମାନ । ସେହି ମା' ମାନବ ଚେତନା, ସ୍ମୃତିରେ, ସମ୍ମାନରେ, ନିଦ୍ରାରେ, କ୍ଷୁଧାରେ, ତୃଷାରେ, କ୍ଷମାରେ, ଲଜ୍ଜାରେ, ଦଣ୍ଡରେ, ଅସ୍ତିତ୍ୱରେ ବିଦ୍ୟମାନ । ଦଶାୟନ ସିଦ୍ଧ ବୋଲି କୁହାଯାଉଥିବା ଦଶ ମହାବିଦ୍ୟାଙ୍କ ମଧ୍ୟରୁ ପ୍ରଥମ ହେଉଛନ୍ତି ମା' କାଳୀ । ଏହି କାଳୀଙ୍କ ବିଭିନ୍ନ ରୂପ ଦେଖିବାକୁ ମିଳେ । ଯଥା, ଦକ୍ଷିଣାକାଳୀ,



ଭଦ୍ରକାଳୀ, ସିଦ୍ଧାକାଳୀ, ଗୁହାକାଳୀ ପ୍ରସାଦ । ଏଥିମଧ୍ୟରୁ ବାଲାରେ ଦକ୍ଷିଣାକାଳୀ ରୂପକୁ ସର୍ବାଧିକ ପୂଜା କରାଯାଏ । ମାତାଙ୍କ ଏହି ମୂର୍ତ୍ତିରେ ସେ ଗୋଟିଏ ହାତରେ ଏକ ଛୋଟ ହାତୁଡ଼ି ଓ ଖଣ୍ଡା ଧାରଣ କରନ୍ତି । ସେ ଅନ୍ୟ ହାତରେ ଏକ ଢାଲ ଧାରଣ କରନ୍ତି।

ଦକ୍ଷିଣାକାଳୀଙ୍କ ସବୁଠାରୁ ପ୍ରସିଦ୍ଧ ପ୍ରତିମା ହେଉଛନ୍ତି ସମୁଦ୍ରର ଦେବୀ । ସେ ସାଧାରଣ ଭାଷାରେ ଶ୍ୟାମାକାଳୀ ଭାବରେ ଜଣାଶୁଣା । ଦକ୍ଷିଣାକାଳୀ ଜଣେ କଳା ଶାଢୀ ପରିହିତା, ଗୋଲ, କେଶହୀନ, ଚାରିହାତ ଓ ମୁକ୍ତ ମାଳାରେ ସଜ୍ଜିତା । ତାଙ୍କ ବାମ ହାତରେ ଖଣ୍ଡା ଅଛି । ତାଙ୍କ ଡାହାଣ ହାତରେ ବରଦାନ ଓ ନିର୍ଭୀକ ମୁଦ୍ରା ଅଛି । ତାଙ୍କର ବର୍ଣ୍ଣ କଳା ମେଘ ପରି, ସେ ଦିଗମ୍ବରୀ । ତାଙ୍କ ଗଳାରେ ଏକ ମୁକ୍ତ ମାଳା ଅଛି। ଅନ୍ୟ ଶବ୍ଦରେ ଦୁଇଟି ଭୟଙ୍କର ଶାରଜାପି ଏକାଠି ବନ୍ଧା ହୋଇଛି । ତାଙ୍କ କଟି ଉପରେ ନାହଜର କଟିବନ୍ଧ ଅଛି । ତାଙ୍କର ନଗ୍ନତା ଭୟଙ୍କର । ତାଙ୍କ ସ୍ତନ ଉଚ୍ଚ, ସେ ଦ୍ରଣିୟଣୀ ଓ ଭଗବାନ ଶିବଙ୍କ ଛାତି ଉପରେ ବିରାଜିତ। ତାଙ୍କର ଡାହାଣ ପାଦ ଶିବଙ୍କ ଛାତି ଉପରେ ରଖାଯାଇଛି । ସେ ମହାଭୀମା, ରାସ ଯୁଗୁଣର ମହାନୀ ଓ ରକ୍ତପାନକାରୀଙ୍କ ମୁଖ । ଦକ୍ଷିଣାକାଳୀଙ୍କ ନାମ ଦକ୍ଷିଣାକାଳୀ, ଦକ୍ଷିଣର ଶାସକ ଯମ ଯେଉଁ ଜାଲରୁ ପଳାୟନ କରନ୍ତି, ତାକୁ ଭୟ କରନ୍ତି । ତାଙ୍କୁ ପୂଜା କରି ସେ ତ୍ରିବର୍ଣ୍ଣ ଦକ୍ଷିଣା ରାଣୀଙ୍କ ଦଣ୍ଡ କଳ୍ପନା କରିଥିଲେ । ୧୭ଶ ଶତାବ୍ଦୀରେ ନବଦ୍ୱୀପରେ ନିଜ ହାତରେ ଅଲିଙ୍କ ଏକ ପ୍ରତିମା ସ୍ଥାପନ କରି ସର୍ବୋତ୍ତମ ଫଳ ଦକ୍ଷିଣା ମଧ ପୂଜା କରାଯାଉଥିଲା । ତେଣୁ ସେ ଆଗମେଶ୍ୱରୀ ମାୟା ଭାବରେ ଜଣାଶୁଣା ।

ଅନ୍ୟ ଦୃଷ୍ଟିରେ ଦେଖିଲେ ସେ ଭୟଙ୍କର ଓ ଭୟାବହ ରୂପ ଧାରଣ କରିପାରନ୍ତି । କିନ୍ତୁ ମା' କାଳୀଙ୍କୁ କେବଳ କ୍ରୋଧିତ ରୂପ କିମ୍ବା ବିନାଶକାରୀ ଭାବେ ଚିତ୍ରଣ କରାଯାଇ ପାରିବ ନାହିଁ । କ୍ଷୁଧା କିମ୍ବା ବିନାଶ ପାଇଁ ଅଦମ୍ୟ ଇଚ୍ଛାକୁ ହ୍ରାସ କରାଯାଇପାରିବ ନାହିଁ । ମା' କାଳୀ ମୁକ୍ତି ଓ ଅଂହକାରୀ ବିନାଶକାରୀଙ୍କ ପ୍ରତୀକ । ଯେହେତୁ ଅଷ୍ଟାଦଶ ଶତାବ୍ଦୀର ସାର୍ ଜନ ଉଡରୋଫିଙ୍କ ଦ୍ୱାରା ଅନୁବାଦିତ ମହାନୀରଭାନା ତନ୍ତ୍ର ଘୋଷଣା କରେ । 'ଯେହେତୁ ସମସ୍ତ ରଙ୍ଗ କଳା ରଙ୍ଗରେ ଅଦୃଶ୍ୟ ହୁଏ, ସେହିପରି ସମସ୍ତ ନାମ ଓ ରୂପ ତାଙ୍କ ଠାରେ ଅଦୃଶ୍ୟ ହୋଇଯାଏ।'

ମା'ଙ୍କ ରଙ୍ଗ ମେଘ ପରି କଳା । ସେ ଜଣେ ଦିଗମ୍ବରୀ, ଅର୍ଥାତ୍ ଉଲଗ୍ନ । ତାଙ୍କ ଗାଲରେ ଥିବା ମାଳାରୁ ରକ୍ତ ଝରୁଥିବା ତାଙ୍କ ଶରୀରରେ ରଙ୍ଗ ଲଗାଉଛି, ତାଙ୍କ କାନଫୁଲ ଭାବରେ ଦୁଇଟି ଶବ ଦେବୀଙ୍କୁ ଭୟଙ୍କର ଦେଖାଉଛି । ସେ ତାଙ୍କ ଜିଭକୁ ତାଙ୍କ ଦାନ୍ତରେ କାମୁଡ଼ିଛନ୍ତି । ସେ ତାଙ୍କ ହାତରେ ଥିବା ମାଳାଗୁଡ଼ିକୁ ତାଙ୍କ କଟିରେ ବାନ୍ଧିଛନ୍ତି । ସେ ମୃଦୁ ହସୁଛନ୍ତି ଓ ତାଙ୍କ ମୁହଁରୁ ରକ୍ତର ଧାରା ବହିଯାଉଛି । ମନେହୁଏ ତାଙ୍କ ମୁହଁରେ ଅସୀମ ସଂଖ୍ୟକ ସୂର୍ଯ୍ୟଙ୍କ ତେଜ ବିଦ୍ୟମାନ । ସେ ଅତ୍ୟନ୍ତ କ୍ରୋଧିତ, ଜଣେ ଭୟଙ୍କର ଗାୟିକା, ତାଙ୍କର ତିନୋଟି ଚକ୍ଷୁ ସକାଳର ସୂର୍ଯ୍ୟ ପରି ଲାଲ । ଦେବୀ ଏକ ଶବ ରୂପରେ ମହାଦେବଙ୍କ ହୃଦୟରେ ଠିଆ ହୋଇଛନ୍ତି ।ଶାସ୍ତ୍ରର ସିଦ୍ଧିରେ କାଳୀ କିମ୍ବା କାଳୀଦାର ବିସ୍ତାର କିମ୍ବା ବିବର୍ତ୍ତନରେ, ଶିବ ଶକ୍ତି ବିନା ଶବର ରୂପ ନିଅନ୍ତି ବୋଲି ଦାର୍ଶନିକ ଚିନ୍ତାଧାରା ବହୁତ ପ୍ରସିଦ୍ଧ ହୋଇଯାଏ । କାଳିକାଦେବୀ ଏକ ଶବ ନୁହଁନ୍ତି । ଘରେ ଘରେ ମା'ଙ୍କ ପୂଜା କରାଯାଏ । ଯେତେବେଳେ ମହାମାରୀ, ଦୁର୍ଭିକ୍ଷ, ଭୂମିକମ୍ପ, ମରୁଡି କିମ୍ବା ପ୍ରବଳ ବର୍ଷା ହୁଏ, ଭକ୍ତମାନେ କାଳୀ ମା'ଙ୍କ ପୂଜାରେ ନିଜକୁ ନିୟୋଜିତ କରନ୍ତି ।

ମା' କାଳୀ ତାଙ୍କ ଡାହାଣ ତଳ ହାତ ସାହାଯ୍ୟରେ ଭକ୍ତମାନଙ୍କୁ ଆଶ୍ରୟ ଦେଉଛନ୍ତି । ସାରଥି ଅଷ୍ଟରଙ୍କ ଆଠଟି ମହାନ ନାମ ଅନୁସାରେ, 'ଗୋଟିଏ ହାତ ଆଘାତ କରେ ଓ ଗୋଟିଏ ହାତ ସାନ୍ତ୍ୱନା ଦିଏ । ଗୋଟିଏ ହାତ ପୂଜା କରେ ଓ ଅନ୍ୟଟି ପିଲାକୁ ତା'ର କୋଳରେ ଧରିଥାଏ । ବିପରୀତ ଦିଗର ଏପରି ଅସମ୍ପୂର୍ଣ୍ଣ ସମନ୍ୱୟ, ସମୟର ଏକ ସମ୍ପୂର୍ଣ୍ଣ ପ୍ରକାଶନ ପ୍ରକୃତିର ଶକ୍ତିର ଏପରି ସର୍ବୋଚ୍ଚ ପ୍ରତୀକ, ସମଗ୍ର ବିଶ୍ୱରେ କେବେ ଦେଖାଯାଇ ନାହିଁ ।' ମା'ଙ୍କ କଣ୍ଠରେ ପଚାଶ ମୁଣ୍ଡ ଦେଖାଯାଏ । ପଚାଶ ମୁଣ୍ଡ ହେଉଛି ପଚାଶ ଶରୀରର ପ୍ରତୀକ । କାମଧେନୁ ତନ୍ତ୍ରରେ, ଦେବୀ କହିଛନ୍ତି, 'ଏମା କଷତେ ସ୍ତିଲଂ ବୀଜ ପଞ୍ଚାଷଦ ବର୍ଣ୍ଣତିମନ୍ତ୍ର।' ମୋ କଣ୍ଠରେ ୫୦ଟି ବର୍ଣ୍ଣବୀଜ ଅଛି । ଅକ୍ଷରା ହେଉଛି ବ୍ରତ, ଏହାର କୌଣସି କ୍ଷର ନାହିଁ । ଶବ୍ଦ ହେଉଛି ବ୍ରହ୍ମ, ଅକ୍ଷରର ଧାରା ହେଉଛି ଶବ୍ଦର ଉତ୍ପତ୍ତି । ଯେଉଁମାନେ ଦେବୀଦେବୀଙ୍କୁ ମନେ ରଖନ୍ତି , ସେମାନେ ମନ୍ତ୍ର ଜପ କରନ୍ତି । ତେଣୁ ଅକ୍ଷରର ପ୍ରତୀକ ହେଉଛି ତାଙ୍କ କଣ୍ଠରେ ଥିବା ମସ୍ତକ । ଶକ୍ତି ଓ ଶିବ ମଙ୍ଗଳ । ମା'ଙ୍କୁ ଗଠନରେ , ପୂଜାରେ, ମା'ଙ୍କ ପାଦ ସ୍ପର୍ଶରେ ମଣିଷ ଶରୀର ଶିବ ରୂପ ଗ୍ରହଣ କରିବାର ପ୍ରକୃତ ଅର୍ଥ ହେଉଛି ଶକ୍ତି ତତ୍ତ୍ୱର ପ୍ରାଧାନ୍ୟ । କାଳୀ ମଙ୍ଗଳ ଉପରେ ଶାସକ ଶକ୍ତି । ବର୍ତ୍ତମାନର ବିଶ୍ୱକୁ ଦେଖିଲେ ଦେଖାଯାଏ , ଜନସାଧାରଣ ସେମାନଙ୍କର ଶକ୍ତିର ଅପବ୍ୟବହାର କରୁଛନ୍ତି । ଯଦିଓ ପରମାଣୁ ଶକ୍ତି ବ୍ୟବହାର କରି ଦେଶର ଗୌରବ ବୃଦ୍ଧି କରାଯାଇପାରିବ । କିନ୍ତୁ ଅନେକ ଏହାର ଅପବ୍ୟବହାର କରୁଛନ୍ତି । ମା'ଙ୍କୁ ଗଠନ ଓ ପୂଜା ଆମକୁ ଶିକ୍ଷା ଦିଏ ଯେ ଆମେ ଆମର ଶକ୍ତିକୁ ଭଲ ପାଇଁ ବ୍ୟବହାର କରିବା ଉଚିତ୍...!!!

+ ଅଧକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋ : ୯୦୪୦୧୫୧୪୭୫

ଦୀପାବଳୀର ଇତିକଥା

ମୁରଲୀଧର ସାମଲ



ଭାରତର ପ୍ରାୟ ସବୁ ରାଜ୍ୟରେ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥାଏ। ଏଭଳି ସର୍ବଭାରତୀୟ ଲୋକୋତ୍ସବ ବିରଳ। ନେପାଳରେ ତ ନିଶ୍ଚୟ ପାକିସ୍ଥାନର କେତେକ ହିନ୍ଦୁ ବହୁଳ ଅଞ୍ଚଳରେ ମଧ ଦୀପାବଳି ପର୍ବ ପାଳିତ ହୋଇଥାଏ। ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କାରଣରୁ ଏହି ଉତ୍ସବ ପାଳନ କରିଥାନ୍ତି। ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ମୀପୂଜାକୁ କେନ୍ଦ୍ର କରି ଦିଅଲି ବା ଦୀପାବଳି ପାଳୁଥିବା ବେଳେ ଦକ୍ଷିଣ ଭାରତ ପବିତ୍ର ନଦୀଗୁଡ଼ିକରେ ପୁଣ୍ୟାର୍ଥୀ ସ୍ନାନାଦି କର୍ମରେ ଏହି ଉତ୍ସବ ପାଳନ କରିଥାଆନ୍ତି। ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ।

କେବେ ଏହାର ଆରମ୍ଭ ସେଥିରେ ସଂଶୟ ଅଛି। ନାନା ମୁନିର ନାନା ମତ ଥିଲେ ମଧ ହିନ୍ଦୁ ଧର୍ମର ନାନା ପ୍ରକାର ଭୟଭୀତର ସଂସ୍କାରରୁ ଏ ଉତ୍ସବର ଆରମ୍ଭ ବୋଲି କେତେ ମତ ଦିଅନ୍ତି। ହିନ୍ଦୁ ମାନଙ୍କର ଧାରଣା ଯେ ସେମାନଙ୍କ ପୂର୍ବପୁରୁଷ ପାପ କର୍ମର ଫଳ ସ୍ୱରୂପ



ମୃତ୍ୟୁ ପରେ ଯମଲୋକରେ ନାନା କଷ୍ଟ ଭୋଗନ୍ତି। ଯମ ଲୋକ ଅନ୍ଧକାରଚ୍ଛନ୍ନ ସ୍ଥାନ। ସେଠାରୁ ସେମାନଙ୍କର ଆଲୋକ ରାଜ୍ୟକୁ ଫେରି ଆଣିବା ପାଇଁ ବର୍ଷକରେ ଥରେ ଏ ସବୁ ଫିକର। ପୂର୍ବ ପୁରୁଷ ଆକାଶରେ ଆଲୋକର ରୋଶଣି ଦେଖି ମର୍ତ୍ତ୍ୟ ଲୋକକୁ ଫେରି ଆସିବେ ଏବଂ ସେମାନଙ୍କ ଜୀବିତ ବଂଶଧରଙ୍କୁ ଆଶୀର୍ବାଦ କରିବେ ସମାଜରେ ଏ ପ୍ରକାର ବିଶ୍ୱାସ ପ୍ରଚଳିତ। ଇତିହାସରେ ଦୀପାବଳି ଉତ୍ସବର ସୂଚନା ମିଳେ। ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି। ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକରେ ଦୀପାବଳି ଉତ୍ସବର ଉଲ୍ଲେଖ ଅଛି। ଆଲବେରୁନିଙ୍କ ଭ୍ରମଣ ବୃତ୍ତାନ୍ତରେ ଦୀପାବଳି ଉତ୍ସବ କଥା ଲେଖା ଅଛି। ଆବୁଲ ଫଜଲ ତାଙ୍କ 'ଆଇନ-ଇ-ଆକବରି' ଗ୍ରନ୍ଥରେ ନିଜ ହାତରେ ଜଳାଇଥିବା ଦୀପ କଥା ଲେଖିଛନ୍ତି। ସମ୍ରାଟ ଦୀପାବଳି ଦିନ ପ୍ରଦୀପ ଜଳାନ୍ତି। ଆଜି ମଧ ଗୁଜୁରାଟର ବରଦା ସଂଗ୍ରହାଳୟରେ ସଯତ୍ନେ ରଖା ହୋଇଛି ସମ୍ରାଟ ଜଳାଇଥିବା ସେଇ ବିଶାଳ ଦୀପ। ସପ୍ତଦାଶ ଶତାବ୍ଦୀ ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣ କରିବାକୁ ଆସିଥିଲେ ସେମାନେ ସମସ୍ତେ ସମ୍ରାଟ ମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଉତ୍ସବ ଦେଖିଥିଲେ।

ହିନ୍ଦୁ ମହାକାବ୍ୟ 'ମହାଭାରତ'ରେ ଦୀପାବଳିର ଗୁଣକୀର୍ତ୍ତନ କରାଯାଇଛି। ଦୀପ ତେଜଃ ପଦାର୍ଥ ଏବଂ ସର୍ବଦା ଉର୍ଦ୍ଧ୍ୱଗାମୀ। ଦୀପ ଜଳାଇଲେ ମନୁଷ୍ୟ ତେଜସ୍ୱୀ ଏବଂ ଉଚ୍ଚାକାଂକ୍ଷୀ। ସେକାଳର ମଣିଷ ଏସବୁ ଧାରଣରୁ ଦୀପ ଜଳାଇ ଆସିଛି ଏବଂ ଆଜିଯାଏ ଏଇସବୁ ଧାରଣା ଅବ୍ୟାହତ। ଦୀପ ଜଳାଇବା ପବିତ୍ର କାର୍ଯ୍ୟ ବୋଲି ମନେ କରାଯାଏ। ଦୀପାବଳି ଉତ୍ସବରେ ହିନ୍ଦୁମାନଙ୍କ ଘରେ ଘରେ ଲକ୍ଷ୍ମୀପୂଜା ହୁଏ। ଗୃହିଣୀମାନେ ଏଇ ପୂଜା ଘିଅ ଦୀପ ଜଳାଇ ଅନିଦ୍ରା ରହନ୍ତି। ସେମାନଙ୍କ ଧାରଣା ଏଇ ପୂଜାରେ ଲକ୍ଷ୍ମୀ ଦେବୀ ସନ୍ତୁଷ୍ଟ ହୋଇ ଧନ ସମ୍ପତ୍ତି ଦାନ କରନ୍ତି। ଏହି ଦିନ ରାମଚନ୍ଦ୍ର ରାବଣ ବଧକର ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରଦିନ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା। ଅମାବାସ୍ୟା ରାତିରେ ଅଯୋଧ୍ୟା ନଗରୀରେ ଖୁସିର ଲହରି ଖେଳିଯାଇଥିଲା। ସେବେଠାରୁ ଏହି ଦିନ ବାଣ ଫୁଟାଇ ଦୀପ ଜଳାଇ ଏଇ ଉତ୍ସବ ପାଳନ କରାଯାଉଛି। ରାଜା ବିକ୍ରମାଦିତ୍ୟ ହନୁମାନଙ୍କୁ ପରାଜିତ କିଚି ଦେଶରୁ ସଂପୂର୍ଣ୍ଣ ରୂପେ ବିତାଡ଼ିତ କରିଥିଲେ। ଏଇ କାରଣରୁ ରାଜସ୍ଥାନର ଅଧିବାସୀ ରାଜ୍ୟବ୍ୟାପୀ ଆଲୋକ ସଜ୍ଜାଇ ଦୀପାବଳି ପାଳନ୍ତି। ଦୀପାବଳି ଅମାବାସ୍ୟା ପୂର୍ବ ଦିନ 'ନରକ ଚତୁର୍ଦ୍ଦଶୀ'। ଦକ୍ଷିଣ ଭାରତର ଅଧିବାସୀ ଏହି ଦିନଟିକୁ ବେଶ ଗୁରୁତ୍ୱ ଦେଇଥାଆନ୍ତି। ଇତିହାସ କୁହେ ଏକଦା ନରକାସୁରର ଅତ୍ୟାଚାରରେ ଦକ୍ଷିଣ ଭାରତର ଲୋକମାନେ ଅତିଷ୍ଠ ହୋଇ ଉଠିଥିଲେ। ନରକାସୁର ଅନ୍ତଃପୁରରେ ପ୍ରାୟ ଷୋହଳ ହଜାର ରମଣୀକୁ ବନ୍ଦୀ କରି ରଖିଥିଲା। ଲୋକେ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ ଏବଂ ଶ୍ରୀକୃଷ୍ଣ, ସତ୍ୟଭାମାଙ୍କ ସହାୟତାରେ ନରକାସୁରକୁ ବଧକରି ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି କାହାଣୀକୁ ସ୍ମରଣ କରି ଲୋକେ ଅମାବାସ୍ୟାରେ ଦୀପ ଜଳାଇ କୃଷ୍ଣଙ୍କ ବିଜୟ ତିଥିକୁ ମନେ ରଖିଥାଆନ୍ତି। ମହାରାଷ୍ଟ୍ରରେ ବଳି ରାଜାଙ୍କୁ ସ୍ମରଣକରି ମରାଠୀମାନେ ଦୀପାବଳି ପାଳିଥାଆନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ଗୃହତ୍ୟାଗ ଦିବସକୁ ସ୍ମରଣକରି ମୂଳତଃ ଦୀପାବଳି ଉତ୍ସବର ଆୟୋଜନ କରିଥାନ୍ତି। ସେମାନଙ୍କର ବିଶ୍ୱାସ, ଦୀପାବଳିର ଆଲୋକମାଳା ଭଳି ବୁଦ୍ଧଙ୍କ ବାଣୀ ବିଶ୍ୱରେ ସର୍ବତ୍ର ସହଜରେ ବିଚ୍ଛୁରିତ ହୋଇପାରିବ। ଜୈନ ଧର୍ମଗୁରୁ ତୀର୍ଥଙ୍କର ମହାବୀରଙ୍କର କାର୍ତ୍ତିକ ଅମାବାସ୍ୟା ରାତିରେ ମହାନିର୍ବାଣ ହୋଇଥିଲା। ସେହି ସମୟରେ ତାଙ୍କର ପ୍ରଧାନ ଶିଷ୍ୟମାନେ ପାଓ୍ୱାପୁରୀରେ ବ୍ୟାପକ ଆଲୋକ ଝଲମଲ ବ୍ୟବସ୍ଥା କରିଥିଲେ। କାର୍ତ୍ତିକ ମାସରେ ଅମୃତସର ସ୍ୱର୍ଣ୍ଣମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥାଏ। ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ସନ୍ନ୍ୟାସଗ୍ରହଣ ଓ ମୃତ୍ୟୁ, କାର୍ତ୍ତିକ ଆମାବାସ୍ୟାରେ ହୋଇଥିବାରୁ ଶିଖମାନେ ଦୀପାବଳି ପାଳନ କରିଥାଆନ୍ତି। ଶିଖ ମାନଙ୍କ ପଞ୍ଚମ ଗୁରୁ ଅର୍ଜ୍ଜୁନ ସିଂ ଅମାବାସ୍ୟା ଦିନ ଅମୃତସର ଦରବାର ସାହେବ ଗୁରୁଦ୍ୱାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଶିଖମାନଙ୍କ ଷଷ୍ଠଗୁରୁ ହରଗୋବିନ୍ଦ ସିଂ ଜାହାଙ୍ଗୀରଙ୍କ ବିରୋଧରେ ସଶସ୍ତ୍ର ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ। ଗୁରୁ ଓ ତାଙ୍କ ଅନୁଚରଙ୍କୁ ଗୋଓ୍ୱାଲିୟର ଦୁର୍ଗରେ ଜାହାଙ୍ଗୀର ବନ୍ଦୀ କରି ରଖିଥିଲେ। ଶିଖମାନଙ୍କ ପ୍ରତାପ ଓ ରାଜ୍ୟବ୍ୟାପୀ ବିପ୍ଳବ ଦେଖି ସମ୍ରାଟ ଜାହାଙ୍ଗୀର ସମସ୍ତଙ୍କୁ ଏହିଦିନ ମୁକ୍ତ କରିଥିଲେ। ହରଗୋବିନ୍ଦ ସିଂଙ୍କ ବିଜୟ ଉତ୍ସବ ଭାବେ ଏହି ଦିନଟି ପାଳନ କରାଯାଏ।

ଏହି ଆଲୋକ ସଜ୍ଜାର ଆୟୋଜନ କରି ମଣିଷ କାହିଁକି ଉତ୍ସବର ସାମିଲ ହେଲା ସେ ସଂକ୍ରାନ୍ତରେ ବିଜ୍ଞାନୀମାନଙ୍କ ଧାରଣା, ଆଦିମ ମଣିଷର ଭୂତପ୍ରେତ ଭୟ ଓ ଅନିଷ୍ଟକାରୀ ଶକ୍ତି ଭୟରୁ ରକ୍ଷା ପାଇବା ପାଇଁ ଆଲୋକ ଜଳାଉଥିଲେ। ପର୍ବପର୍ବାଣୀ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସ୍ମରଣ କରିବା ନିମନ୍ତେ ଏପରି ଧାରା ପ୍ରଚଳିତ।

+ ଜ୍ୟୋତି ବିହାର, ବିଡ଼ାନାସୀ, କଟକ,
ମୋ : ୭୯୭୮୮୪୧୭୪୧

ଘୃଣା ଓ ବିଭାଜନର ରାଜନୀତିକୁ ଆମେରିକୀୟଙ୍କ ନାଁ

ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୬ ମସିହା ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କେବଳ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ, ବରଂ ସାମାଜିକ ତଥା ଜନସାଂଖ୍ୟିକ ପରିବର୍ତ୍ତନର ଏକ ଐତିହାସିକ ଦଲିଲ ଭାବରେ ସ୍ମରଣୀୟ ହୋଇ ରହିବ । ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀମାନେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ୍ ଦଳକୁ ଏକ ବଡ଼ ଧରଣର ପରାଜୟର ସ୍ୱାଦ ଚଖାଇବା ସହିତ ଆମେରିକୀୟ ରାଜନୀତିରେ ଅନେକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଏହି ନିର୍ବାଚନର ଫଳାଫଳକୁ ଏକ ବିଶାଳ 'ବ୍ଲୁ ୱେଭ୍' ବା ନୀଳ ଲହରୀ ଭାବରେ ଅଭିହିତ କରାଯାଉଛି, ଯାହାକି ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିବିଧତା ଏବଂ ସମାବେଶୀକରଣର ଏକ ନୂତନ ଚିତ୍ର ପ୍ରସ୍ତୁତ କରିଛି । ଏହି ନିର୍ବାଚନରେ ଭୋଟରମାନେ ପ୍ରଥମ ଥର ପାଇଁ ଜଣେ ନେଟିଭ୍ ଆମେରିକୀୟ ମହିଳା ଗଭର୍ଣ୍ଣର, ପ୍ରଥମ କୃଷ୍ଣକାୟ ମହିଳା ଗଭର୍ଣ୍ଣର, ପ୍ରଥମ ମୁସଲମାନ ଆମେରିକୀୟ ସିନେଟରଙ୍କୁ ନିର୍ବାଚିତ କରି ଇତିହାସ ରଚିଛନ୍ତି । ଏହା ସହିତ ଆମେରିକାର ତଳ ସଦନ ବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ପ୍ରଥମ ଥର ପାଇଁ ଜଣେ କୃଷ୍ଣକାୟ ସ୍ପିକର ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ମଧ୍ୟ ଦୃଢ଼ ହୋଇଛି । ଦେଶର ଅର୍ଥବ୍ୟବସ୍ଥା ଚାପରେ ଥିବା ସମୟରେ ଏବଂ ରାଜନୈତିକ ମେରୁକରଣ ଚରମ ସୀମାରେ ପହଞ୍ଚିଥିବା ବେଳେ ଏହି ସମସ୍ତ ଘଟଣାବଳୀ ଆମେରିକୀୟ ସମାଜରେ ଥିବା ପାରମ୍ପରିକ ରକ୍ଷଣଶୀଳ ଚିନ୍ତାଧାରାର ପରିବର୍ତ୍ତନକୁ ସୂଚାଉଛି ।

ଆମେରିକାର ରାଜନୈତିକ ଇତିହାସକୁ ତର୍ଜମା କଲେ ଦେଖାଯାଏ ଯେ କୃଷ୍ଣକାୟ ମହିଳାମାନେ ସର୍ବଦା ରାଜନୈତିକ ନେତୃତ୍ୱ କ୍ଷେତ୍ରରେ ପଛରେ ପଡ଼ିଥିଲେ। ମାତ୍ର ଜର୍ଜିଆ ରାଜ୍ୟରେ ଡେମୋକ୍ରାଟ୍ ପ୍ରାର୍ଥୀ କେଶା ଲାନ୍ସ ବଟମ୍ସଙ୍କ ବିଜୟ ଏହି ଧାରାକୁ ଭାଙ୍ଗି ଦେଇଛି । ସେ ରିପବ୍ଲିକାନ୍ ଦଳର ବ୍ୟବସାୟୀ ରିକ୍ ଜ୍ୟାକସନଙ୍କୁ ପରାସ୍ତ କରି ଆମେରିକା ଇତିହାସରେ ପ୍ରଥମ କୃଷ୍ଣକାୟ ମହିଳା ଗଭର୍ଣ୍ଣର ହେବାର ଗୌରବ ଅର୍ଜନ କରିଛନ୍ତି । ଜର୍ଜିଆ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସୁଇଙ୍ଗ୍ ଷ୍ଟେଟ୍‌ରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରିପବ୍ଲିକାନ୍ ଦଳର ଏକଚାଟିଆ ଶାସନ ଚାଲିଥିଲା। କେଶା ଲାନ୍ସ ବଟମ୍ସଙ୍କ ଏହି ଐତିହାସିକ ବିଜୟ କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ଆମେରିକାର ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକରେ କୃଷ୍ଣକାୟ ଭୋଟରମାନଙ୍କର ବଢ଼ୁଥିବା ପ୍ରଭାବ, ଭୋଟର ସଚେତନତା ଏବଂ ସଂଗଠିତ ଶକ୍ତିର ପ୍ରମାଣ ଦେଉଛି । ତଥ୍ୟ ଅନୁଯାୟୀ, ଆମେରିକାର ବିଭିନ୍ନ ରାଜ୍ୟରେ ଏପର୍ଯ୍ୟନ୍ତ ଅନେକ କୃଷ୍ଣକାୟ ପୁରୁଷ ଗଭର୍ଣ୍ଣର ହୋଇଛନ୍ତି, କିନ୍ତୁ ଜଣେ ମହିଳାଙ୍କ ପାଇଁ ଏହି ସର୍ବୋଚ୍ଚ ପଦବୀରେ ପହଞ୍ଚିବା ଏକ ଅସମ୍ଭବ ଲକ୍ଷ୍ୟ ଭଳି ମନେ ହେଉଥିଲା । ତୃଣମୂଳ ସ୍ତରରେ ଲୋକଙ୍କ ସହ ଯୋଡ଼ି ହେବା ଏବଂ ଅର୍ଥନୈତିକ ସମସ୍ୟାର ସମାଧାନ ପାଇଁ ତାଙ୍କର ପ୍ରତିଶ୍ରୁତି ତାଙ୍କୁ ଏହି ବିଜୟ ଆଣିଦେଇଛି । ଏହି ଦୃଷ୍ଟିକୋଣରୁ ବଟମ୍ସଙ୍କ ନିର୍ବାଚନ ଆଗାମୀ ପିଢ଼ିର ମହିଳାମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ଉତ୍ସ ପାଲଟିବ ।

ସେହିପରି ନେଟିଭ୍ ଆମେରିକୀୟ ବା ଆମେରିକାର ମୂଳ ଅଧିବାସୀମାନଙ୍କ ପାଇଁ ମଧ୍ୟ ଏହି ନିର୍ବାଚନ ଏକ ସୁବର୍ଣ୍ଣ ଯୁଗର ଆରମ୍ଭ କରିଛି । ନ୍ୟୁ ମେକ୍ସିକୋ ରାଜ୍ୟରେ ଡେମୋକ୍ରାଟ୍ ପ୍ରାର୍ଥୀ ଡେବ୍ ହାଲାଣ୍ଡ ପୂର୍ବତନ ମେୟର ତଥା ରିପବ୍ଲିକାନ୍ ପ୍ରାର୍ଥୀ ଗ୍ରେଗ୍ ହଲ୍‌ଙ୍କୁ ପରାସ୍ତ କରି ଦେଶର ପ୍ରଥମ ନେଟିଭ୍ ଆମେରିକୀୟ ମହିଳା ଗଭର୍ଣ୍ଣର ଭାବରେ ନିର୍ବାଚିତ ହୋଇଛନ୍ତି । ଡେବ୍ ହାଲାଣ୍ଡଙ୍କ ରାଜନୈତିକ ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟକ ଅଟେ । ଜଣେ ଏକାକୀ ମା ଭାବରେ ଦାରିଦ୍ର୍ୟ ସହ ସଂଗ୍ରାମ କରି ନିଜ ପରିବାର ପ୍ରତିପୋଷଣ କରିଥିବା ହାଲାଣ୍ଡଙ୍କ ସାଧାରଣ ଜୀବନଶୈଳୀ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ୨୦୧୮ ମସିହାରେ ସେ ଆମେରିକୀୟ କଂଗ୍ରେସକୁ ନିର୍ବାଚିତ ହୋଇଥିବା ପ୍ରଥମ ଦୁଇ ଜଣ ନେଟିଭ୍ ଆମେରିକୀୟ ମହିଳାଙ୍କ ମଧ୍ୟରୁ ଜଣେ ଥିଲେ। ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନରେ ସେ ଆଭ୍ୟନ୍ତରୀଣ ବିଭାଗର ସଚିବ ଭାବରେ କାର୍ଯ୍ୟ କରି ଦେଶର ପ୍ରଥମ ନେଟିଭ୍ ଆମେରିକୀୟ କ୍ୟାବିନେଟ୍ ସଚିବ ହେବାର ରେକର୍ଡ କରିଥିଲେ । କେବଳ ଡେବ୍ ହାଲାଣ୍ଡ ନୁହଁନ୍ତି, ମିନେସୋଟା ରାଜ୍ୟରେ ଡେମୋକ୍ରାଟ୍ ପ୍ରାର୍ଥୀ ପେଗି ଫ୍ଲାନାଗାନ୍ ମଧ୍ୟ ରିପବ୍ଲିକାନ୍ ପ୍ରାର୍ଥୀ ମିଶେଲ ଟାଫୋୟାଙ୍କୁ ପରାସ୍ତ କରି ନେଟିଭ୍ ଆମେରିକୀୟ ମହିଳା ସିନେଟର ହେବାର ଇତିହାସ ରଚିଛନ୍ତି। ଆମେରିକାର ମୋଟ ଜନସଂଖ୍ୟାରେ ନେଟିଭ୍ ଆମେରିକୀୟମାନଙ୍କ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିଲା । ଏହି ଦୁଇ ମହିଳାଙ୍କ ବିଜୟ ସେହି ଐତିହାସିକ ଅନ୍ୟାୟର ଏକ ସକାରାତ୍ମକ ସମାଧାନ ଆଡ଼କୁ ଦେଶକୁ ଅଗ୍ରସର କରାଇଛି ।

ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ଅନ୍ୟ ଏକ ସବୁଠାରୁ ଚର୍ଚ୍ଚିତ ଏବଂ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ମିଚିଗାନ୍ ରାଜ୍ୟରୁ ଆବ୍ଦୁଲ ଏଲ୍-ସୟଦଙ୍କ ସିନେଟ୍ ବିଜୟ । ସେ ରିପବ୍ଲିକାନ୍ ପ୍ରାର୍ଥୀ ମାଇକ୍ ରୋଜର୍ସଙ୍କୁ ପରାସ୍ତ କରି ଆମେରିକା ଇତିହାସରେ ପ୍ରଥମ ମୁସଲମାନ ଆମେରିକୀୟ ସିନେଟର ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଯଦି ଆମେ ତଥ୍ୟ ଉପରେ ନଜର ପକାଇବା, ତେବେ ୧୭୮୯ ମସିହାରୁ ଆଜି ପର୍ଯ୍ୟନ୍ତ ଆମେରିକୀୟ କଂଗ୍ରେସରେ ୧୨ ହଜାରରୁ ଅଧିକ ବ୍ୟକ୍ତି ସେବା ପ୍ରଦାନ କରିଛନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ ମୁସଲମାନ ପ୍ରତିନିଧିଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ଏହା ପୂର୍ବରୁ କେବଳ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ କିଛି ମୁସଲମାନ ସାଂସଦ ନିର୍ବାଚିତ ହୋଇଥିଲେ, ମାତ୍ର ୧୦୦ ଆସନ ବିଶିଷ୍ଟ ଉଚ୍ଚ ସଦନ ବା ସିନେଟରେ କୌଣସି ମୁସଲମାନ ପ୍ରତିନିଧି ନଥିଲେ । ଏଲ୍-ସୟଦଙ୍କ ଏହି ଯାତ୍ରା ଆଦୌ ସହଜ ନଥିଲା । ତାଙ୍କୁ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଅନ୍ୟ ରିପବ୍ଲିକାନ୍ ନେତାମାନଙ୍କ ତରଫରୁ ତୀବ୍ର ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା । ମିଚିଗାନରେ ଜନ୍ମିତ ଏହି ଡାକ୍ତର ତଥା ମହାମାରୀ ବିଶେଷଜ୍ଞଙ୍କୁ ଅଣ-ଆମେରିକୀୟ ଏବଂ ଆତଙ୍କବାଦର ସମର୍ଥକ ବୋଲି ଆକ୍ଷେପ କରାଯାଇଥିଲା । ତଥାପି, ଭୋଟରମାନେ ଧର୍ମାନ୍ଧତା ଏବଂ ଇସଲାମୋଫୋବିଆକୁ ପ୍ରତ୍ୟାଖ୍ୟାନ କରି ତାଙ୍କୁ ସମର୍ଥନ ଜଣାଇଲେ । ଏଲ୍-ସୟଦ ନିଜର ନିର୍ବାଚନ ପ୍ରଚାରରେ କେବଳ ପରିଚୟର ରାଜନୀତି ନକରି ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା ଏବଂ ନାଗରିକ ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ, ଯାହାକି ଆମେରିକାର ଧର୍ମନିରପେକ୍ଷତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ବଡ଼ ବିଜୟ ଅଟେ ।

ଆମେରିକାର ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭୋଟରମାନଙ୍କର ଉଚ୍ଚ ହାରରେ ଅଂଶଗ୍ରହଣ ଏବଂ ଅର୍ଥନୈତିକ ପ୍ରସଙ୍ଗଗୁଡ଼ିକ ଉପରେ ସେମାନଙ୍କର ପ୍ରତିକ୍ରିୟା । ନିର୍ବାଚନ ପୂର୍ବରୁ ଆମେରିକାର ଅର୍ଥବ୍ୟବସ୍ଥା ଅନେକ ଚାପର ସମ୍ମୁଖୀନ ହୋଇଥିଲା । ମୁଦ୍ରାସ୍ଫୀତି, ବେରୋଜଗାରୀ ଏବଂ ସ୍ୱାସ୍ଥ୍ୟସେବାର ଖର୍ଚ୍ଚ ବୃଦ୍ଧି ଭଳି ସମସ୍ୟା ସାଧାରଣ ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଥିଲା । ରିପବ୍ଲିକାନ୍ ଦଳ ଏହି ସମସ୍ୟାଗୁଡ଼ିକୁ ନିଜ ସପକ୍ଷରେ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭୋଟରମାନେ ଏକ ସମାବେଶୀ ବିକାଶର ମଡେଲକୁ ବାଛିଥିଲେ । ନବ ନିର୍ବାଚିତ ଏହି ଐତିହାସିକ ପ୍ରତିନିଧିମାନେ କେବଳ ନିଜ ନିଜ ସମ୍ପ୍ରଦାୟର ପ୍ରତୀକ ନୁହଁନ୍ତି, ବରଂ ସେମାନେ ଶ୍ରମିକ ଶ୍ରେଣୀ, ମଧ୍ୟବିତ୍ତ ପରିବାର ଏବଂ ପଛୁଆ ବର୍ଗର ଅର୍ଥନୈତିକ ଉନ୍ନତି ପାଇଁ ସ୍ପଷ୍ଟ ରୂପରେଖ ପ୍ରଦାନ କରିଥିଲେ । ଉଦାହରଣ ସ୍ୱରୂପ, ଆବ୍ଦୁଲ ଏଲ୍-ସୟଦଙ୍କ ଭଳି ପ୍ରାର୍ଥୀ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପରେ ଜୋର ଦେଇଥିବା ବେଳେ ଡେବ୍ ହାଲାଣ୍ଡ ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ଅର୍ଥନୀତିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହିସବୁ ପ୍ରସଙ୍ଗ ଭୋଟରମାନଙ୍କୁ ଏକାଠି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଏବଂ ଡେମୋକ୍ରାଟିକ୍ ଦଳ ପାଇଁ ଏକ ନୂତନ ରାଜନୈତିକ ସମୀକରଣ ସୃଷ୍ଟି କରିଥିଲା ।

ସାମଗ୍ରିକ ଭାବରେ ବିଶ୍ଳେଷଣ କଲେ, ୨୦୨୬ ମସିହାର ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଆମେରିକାର ଜନସାଂଖ୍ୟିକ ବିବିଧତା ଏବଂ ପରିବର୍ତ୍ତିତ ରାଜନୈତିକ ମାନସିକତାର ଏକ ସ୍ପଷ୍ଟ ପ୍ରତିଫଳନ । ଗୋଟିଏ ପଟେ ରକ୍ଷଣଶୀଳ ନୀତି ଏବଂ ବିଭାଜନକାରୀ ବୟାନବାଜିକୁ ନେଇ ରାଜନୀତି କରୁଥିବା ଗୋଷ୍ଠୀକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି, ଏବଂ ଅନ୍ୟ ପଟେ ସମାଜର ପ୍ରତ୍ୟେକ ବର୍ଗକୁ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରିଛନ୍ତି । ଡେମୋକ୍ରାଟିକ୍ ଦଳର ଏହି ଐତିହାସିକ ସଫଳତା କେବଳ କ୍ଷମତା ପରିବର୍ତ୍ତନ ନୁହେଁ, ବରଂ ଏହା ଆମେରିକାର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱମୂଳକ କରିପାରିଛି । ଦେଶର ରାଜନୈତିକ ଇତିହାସରେ ପ୍ରଥମ ଥର ପାଇଁ କଂଗ୍ରେସର ନିମ୍ନ ସଦନରେ ଜଣେ କୃଷ୍ଣକାୟ ସ୍ପିକରଙ୍କ ନେତୃତ୍ୱରେ ପରିଚାଳିତ ହେବାର ଯେଉଁ ସମ୍ଭାବନା ସୃଷ୍ଟି ହୋଇଛି, ତାହା ଦେଶର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱରକୁ ଅଧିକ ଶାଣିତ କରିବ । ଏହି ନିର୍ବାଚନ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ଦେଇଛି ଯେ ପ୍ରକୃତ ଗଣତନ୍ତ୍ରରେ ବର୍ଣ୍ଣ, ଧର୍ମ, ଲିଙ୍ଗ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ସମାନ ଅଧିକାର ଏବଂ ସୁଯୋଗ ରହିଛି । ଏହି ଫଳାଫଳ ପ୍ରମାଣ କରୁଛି ଯେ ଆମେରିକାର ଭବିଷ୍ୟତ କେବଳ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ହାତରେ ସୀମିତ ନୁହେଁ, ବରଂ ଏହା ଏକ ବିବିଧ ଏବଂ ଏକଜୁଟ୍ ସମାଜର ପ୍ରତିଛବି ଭାବରେ ଆଗକୁ ବଢ଼ୁଛି ।

ବିପଦ ସାଜୁଛି ବାୟୁ ପ୍ରଦୂଷଣ



ବୈଷ୍ଣବ ମେହେର

'ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍ ୨୦୨୫' ରିପୋର୍ଟ ଅନୁଯାୟୀ, ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରତି ମିନିଟ୍‌ରେ ପ୍ରାୟ ଚାରି ଜଣଙ୍କ ଜୀବନ ଯାଉଛି। ଅର୍ଥାତ୍ ଦୈନିକ ୫,୫୦୦ରୁ ଅଧିକ ଏବଂ ବାର୍ଷିକ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହାର କରାଳ ଗ୍ରାସରେ ପ୍ରାଣ ହରାଉଛନ୍ତି। ଶୀତଋତୁ ଆରମ୍ଭ ହେବା ମାତ୍ରେ ବିଶେଷକରି ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ବାୟୁ ପ୍ରଦୂଷଣ ଗତ କିଛି ବର୍ଷ ହେଲା ସାଂଘାତିକ ରୂପ ଧାରଣ କରୁଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ, ଗତ ବୁଧବାର ଦିନ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୭୭ରେ ପହଞ୍ଚିଥିଲା। ଏହା ବାୟୁ ପ୍ରଦୂଷଣର ଭୟାବହତାକୁ ସ୍ପଷ୍ଟ କରୁଛି।

ତଥ୍ୟ ଅନୁଯାୟୀ, ୨୦୨୧ ନଭେମ୍ବରରେ ଦିଲ୍ଲୀର ହାରାହାରି ଏକ୍ୟୁଆଇ ମାତ୍ର ୨୮ ଥିବାବେଳେ ୨୦୨୨ରେ ୨୨୭, ୨୦୨୩ରେ ୨୧୮ ଏବଂ ୨୦୨୪ରେ ୩୦୩କୁ ବୃଦ୍ଧି ପାଇଥିବା ଜଣାପଡ଼େ। ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ସାତ ବର୍ଷ ଧରି ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାର ଶୀର୍ଷରେ ରହିଥିବା ସ୍ୱିସ୍ କମ୍ପାନୀ ଆଇକ୍ୟୁଏୟାର୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ ରହିଛି।

ପ୍ରଦୂଷିତ ବାୟୁର ପ୍ରଭାବରେ ଆକ୍ରାନ୍ତ ବ୍ୟକ୍ତିମାନେ ପ୍ରାରମ୍ଭିକ ଅବସ୍ଥାରେ କାଶ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯନ୍ତ୍ରଣା ଓ ଆଖିରେ ଜ୍ୱଳନ ଭଳି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପରବର୍ତ୍ତୀ ସମୟରେ ଏହା ଅନେକ ଗୁରୁତର ରୋଗର କାରଣ ସାଜିଥାଏ। ବାୟୁ ପ୍ରଦୂଷଣ ଫୁସ୍‌ଫୁସ୍ କର୍କଟ, ହୃଦ୍‌ରୋଗ ଓ ଶ୍ୱାସପ୍ରଶ୍ୱାସଜନିତ ରୋଗର ଆଶଙ୍କା ବଢ଼ାଇବା ସହ ଛୋଟ ପିଲାଙ୍କ ମସ୍ତିଷ୍କର ସ୍ୱାଭାବିକ ବିକାଶରେ ମଧ୍ୟ ବାଧକ ସାଜୁଛି। ଏପରିକି ମାନବ ପ୍ରଜନନ କ୍ଷମତା ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ଏହା ନିଶ୍ଚିତ ଭାବରେ ଏକ ଉଦ୍‌ବେଗଜନକ ବିଷୟ।

ବିଶେଷଜ୍ଞଙ୍କ ମତରେ, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ କମ୍ ରହିଲେ ତାହାକୁ ଉତ୍ତମ ବାୟୁ ବୋଲି ଧରାଯାଏ। ସେହିପରି ୫୧ରୁ ୧୦୦ ମଧ୍ୟରେ ସନ୍ତୋଷଜନକ, ୧୦୧ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ରୁ ୩୦୦ ମଧ୍ୟରେ ଖରାପ ଏବଂ ୩୦୧ରୁ ୪୦୦ ମଧ୍ୟରେ ଅତି ଖରାପ ବାୟୁ ଗୁଣବତ୍ତା ବୋଲି ବିବେଚନା କରାଯାଏ। ଦେଶର ଶିଶୁଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଦୂଷିତ ବାୟୁମଣ୍ଡଳର ଅଦୃଶ୍ୟ ବିଷ ପ୍ରଭାବରେ ଆକ୍ରାନ୍ତ ହେଉଛନ୍ତି। କେବଳ ଏତିକି ନୁହେଁ, ଏହା ଦେଶର ଅର୍ଥନୀତି ଉପରେ ମଧ୍ୟ ଭୟାବହ ପ୍ରଭାବ ପକାଇ ଆସୁଛି। ବାୟୁ ପ୍ରଦୂଷଣଜନିତ ଫୁସ୍‌ଫୁସ୍ କର୍କଟ, ଶିଶୁଙ୍କ ଶ୍ୱାସଜନିତ ସମସ୍ୟା ଓ ବୟସ୍କଙ୍କ ହୃଦ୍‌ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଲକ୍ଷ ଲକ୍ଷ ଲୋକ ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଛନ୍ତି। ଫଳରେ ପରିବାରଗୁଡ଼ିକର ଚିକିତ୍ସା ଖର୍ଚ୍ଚ ବଢ଼ିବା ସହ ଆର୍ଥିକ ବୋଝ ମଧ୍ୟ ବୃଦ୍ଧି ପାଉଛି। ଅପରପକ୍ଷରେ, କାର୍ଯ୍ୟଦିବସ ନଷ୍ଟ ହେବା ସହ ମଣିଷର କାର୍ଯ୍ୟଦକ୍ଷତା ଓ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଉଛି । ୨୦୨୦ ମସିହାର ପ୍ରଥମ ଛଅ ମାସରେ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୩୫୦ କୋଟି ଡଲାରର ଆର୍ଥିକ କ୍ଷତି ହୋଇଥିବା ଏକ ବିଶ୍ଳେଷଣରୁ ଜଣାପଡ଼ିଥିଲା। ସେହିପରି, ଏହି କାରଣରୁ ସ୍ୱାସ୍ଥ୍ୟ ଓ ପରିବାରର ଆର୍ଥିକ କ୍ଷତିକୁ ମିଶାଇ ୨୦୨୨ ମସିହାରେ ଭାରତର ଜିଡିପିର ପ୍ରାୟ ୯.୫ ପ୍ରତିଶତ ସମତୁଲ୍ୟ କ୍ଷତି ହୋଇଥିବା ଜଣାପଡ଼େ। ଏହା ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଏକ ବଡ଼ ଆହ୍ୱାନ। ଦୀପାବଳି ଆସିଲେ ଆମ ଦେଶର ବାୟୁପ୍ରଦୂଷଣ ହଠାତ ବଢ଼ିଯାଏ। ସାଧାରଣତଃ ଦୀପାବଳିକୁ ଆଲୋକର ପର୍ବ ବୋଲି କୁହାଯାଏ। ଏହା ଆନନ୍ଦ, ଆଲୋକ ଓ ଆଶାର ପ୍ରତୀକ; ଶବ୍ଦ ଓ ଧୂଆଁର ଉତ୍ସବ ନୁହେଁ। କିନ୍ତୁ ଉତ୍ସବର ଉଲ୍ଲାସରେ ଆମେ ଅନେକ ସମୟରେ ନିଜ ବିଚାରଶକ୍ତି ହରାଇ ବିଷାକ୍ତ ଧୂଆଁ ଓ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇଥାଉ। ଫଳରେ ଏହି ସମୟରେ ବାୟୁ ପ୍ରଦୂଷଣ ସାଂଘାତିକ ରୂପ ଧାରଣ କରେ। ତେଣୁ ପର୍ବପର୍ବାଣି ପାଳନ ସମୟରେ ଆମକୁ ଆନନ୍ଦ ସହ ପରିବେଶ ପ୍ରତି ଦାୟିତ୍ୱବୋଧର ପରିଚୟ ଦେବାକୁ ହେବ। ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ। ଅତୀତରେ ଆମ ଦେଶରେ ଚୁଲିରେ କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା। ଫଳରେ ଲକ୍ଷ ଲକ୍ଷ ପରିବାରରୁ ପ୍ରତିଦିନ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହ ମଣିଷର ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଥିଲା। ମାତ୍ର ବର୍ତ୍ତମାନ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟିଛି ଏବଂ ଧୂଆଁମୁକ୍ତ ରୋଷେଇ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ସେହିପରି ଜୀବାଶ୍ମ ଇନ୍ଧନର ବ୍ୟବହାର ଧୀରେ ଧୀରେ ହ୍ରାସ କରି ସୌରଶକ୍ତି, ପବନଶକ୍ତି ଓ ଜଳବିଦ୍ୟୁତ୍ ଭଳି ସ୍ୱଚ୍ଛ ଶକ୍ତିର ବ୍ୟାପକ ବ୍ୟବହାର ପାଇଁ ଏବେ ସମୟ ଆସିଛି।

ଏଥିସହ ପାରମ୍ପରିକ ଶବଦାହ ପଦ୍ଧତିର ବିକଳ୍ପ ବ୍ୟବସ୍ଥା, ଯାନବାହନ ଚଳାଚଳ ଓ ଶିଳ୍ପାୟନ କ୍ଷେତ୍ରରେ ପରିବେଶ ଅନୁକୂଳ ପଦ୍ଧତି ଆପଣାଇବା ଆବଶ୍ୟକ। ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣ ସହ କଳକାରଖାନା ଗୁଡ଼ିକରେ କଠୋର ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ କରିବା, ଯାନବାହନର ନିୟମିତ ଫିଟ୍‌ନେସ୍ ଯାଞ୍ଚ, ବ୍ୟକ୍ତିଗତ ଗାଡ଼ି ବଦଳରେ ସାର୍ବଜନୀନ ପରିବହନ ସେବାକୁ ପ୍ରାଧାନ୍ୟ ଦେବା, ବିଦ୍ୟୁତ୍ ଶକ୍ତିର ଅପବ୍ୟବହାର ଓ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ଖୋଲା ସ୍ଥାନରେ ଅବର୍ଜନା ଜଳାଇବା ବନ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଏହି ସବୁ ବିହିତ ପଦକ୍ଷେପ ହିଁ ବାୟୁମଣ୍ଡଳରେ ସ୍ୱଚ୍ଛତା ଫେରାଇ ଆଣିବାରେ ସହାୟକ ହୋଇପାରିବ।

ନିର୍ମଳ ବାୟୁ କେବଳ ପରିବେଶର ଆବଶ୍ୟକତା ନୁହେଁ, ଏହା ପ୍ରତ୍ୟେକ ମଣିଷର ବଞ୍ଚିବାର ମୌଳିକ ଅଧିକାର। ଆମେ ଯଦି ଆଜି ସଚେତନ ନ ହେବା, ତେବେ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଓ ସୁନ୍ଦର ପୃଥିବୀ ଉପହାର ଦେବା ଆମ ପାଇଁ କଷ୍ଟକର ହୋଇପଡ଼ିବ।

+ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

ଆଧୁନିକତାର ସ୍ୱର ଓ ଝଙ୍କାର - କବି ଚିନ୍ତାମଣି ବେହେରା



ଶ୍ରୀଯୁକ୍ତ ଭୋଳାନାଥ ସାହୁ



ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ପୋଡ଼ାଡ଼ିହା ମାଟିର ଜାମଡ଼ିହା ଗ୍ରାମର କୃତବିଦ୍ୟ ପ୍ରତିଭା କବି ଚିନ୍ତାମଣି ବେହେରା । ୧୯୨୭ ମସିହା ନଭେମ୍ବର ୭ ତାରିଖ ଅମାବାସ୍ୟା ତିଥିରେ ପିତା ଉଦୟନାଥ ବେହେରାଙ୍କ ଔରସ ଓ ମାତା ମାଣିକ ବେହେରାଙ୍କ ଗର୍ଭରୁ ପ୍ରଥମ ପୁତ୍ର ସନ୍ତାନ ଭାବରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧିନତାର ୮୦ ବର୍ଷ ପରେ ଯେଉଁ ଜାମଡ଼ିହା ଗ୍ରାମରେ ବିକାଶ ଅପହଂଚ ସ୍ୱାଧିନତାର ୨୦ବର୍ଷ ପୁର୍ବରୁ ସେହି ଗ୍ରାମର ପରିବେଶ କିପରି ଥିଲା ତାହା ବେଶ ଅନୁମେୟ । ତଥାପି ପୋଡ଼ାଡ଼ିହା ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ପରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତର ଡ଼ିଗ୍ରୀ ଶେଷ ପର୍ଯ୍ୟନ୍ତ ତାଙ୍କର ଶୈକ୍ଷିକ ଯାତ୍ରା ଚମକପ୍ରଦ । ଶିକ୍ଷା ସମାପ୍ତି ପରେ କଲିକତାର ଶାନ୍ତିନିକେତନରେ ଅଧ୍ୟାପକ ଜୀବନ ଯାତ୍ରାରୁ ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରୁ ଅଧ୍ୟାପନା ଯାତ୍ରା ପର୍ଯ୍ୟନ୍ତ ଉତ୍କଳବାସୀଙ୍କର ଜୀବନ ଜିଜ୍ଞାସା, ବ୍ୟର୍ଥତା, ନିର୍ମମତା, ଅସହାୟତା, ଅନ୍ଧବିଶ୍ୱାସ, ସ୍ୱପ୍ନ ବିଳାସ, ଘୃଣ୍ୟ-ନଗନ୍ୟ ପ୍ରତି ମମତା, ବାସ୍ତବତା, ଜାତୀୟତା, ମାନବବୋଧ ଓ ପୌରାଣିକତା ପ୍ରଭୃତିର ଚିତ୍ର ତାଙ୍କର ସୃଷ୍ଟି ସମ୍ଭାରରେ ବେଶ ପ୍ରତିଫଳିତ ।

କଥାରେ ଅଛି- "IF THE SEED IS GOOD AND THE LAND IS FERTILE, AUTOMATICALLY GERMINATION WILL BE TAKEN PLACE"। ଅର୍ଥାତ ଯେଉଁଠାରେ ମଞ୍ଜି ଉତ୍ତମ ଓ ମୃର୍ତ୍ତିକା ଉର୍ବର ସେଠାରେ ଅଙ୍କୁରୋଦଗମ ଅବସମ୍ଭାବୀ। କବି ଚିନ୍ତାମଣି ବେହେରାଙ୍କ ମନ ରୂପକ ମଞ୍ଜି ଉପଯୁକ୍ତ ପରିବେଶ ପ୍ରଭାବରେ ପ୍ରଭାବିତ ହୋଇ ଲେଖନୀର ମଧୁର ପରଶରେ ସୃଷ୍ଟି କରିଛି ଅସରନ୍ତି ସାହିତ୍ୟ ସମ୍ଭାର। ୧୯୪୭ରୁ ୬୦ ଦଶକ ମଧ୍ୟରେ ଚିନ୍ତାମଣି ବେହେରାଙ୍କ ସାହିତ୍ୟ ସୃଷ୍ଟିର ନବଉନ୍ମେଷ ହୋଇଥିଲା । ବିଶେଷତଃ, ଦ୍ୱିତୀୟ ବିଶ୍ୱଯୁଦ୍ଧର ହତାଶା, ନୈରାଶ୍ୟ, ଅଭାବ, ଅନାଟନ, ଆତଙ୍କ ଓ ସାମାଜିକ ସଂକଟ କବିତାର ମୁଖ୍ୟ ଉତ୍ସଥିଲା । କବି ମାନଙ୍କର ହେନା, ଚାମେଲୀ ଓ ଗୋଲାପକୁ ନେଇ ଦେଖା ଦେଇଥିବା ରୋମାଂଟିକ୍ ଚେତନାର ପୂର୍ଣ୍ଣଛେଦ ପଡ଼ିଲା । ସ୍ୱାଧିନତା ପରବର୍ତୀ କବିଗଣ ଯୁଗଯନ୍ତ୍ରଣାର ସ୍ୱରକୁ କବିତାରେ ସ୍ଥାନୀତ କରି ବାସ୍ତବବାଦୀ ହୋଇ ଉଠିଲେ । ଯେଉଁ ସମୟରେ କବିତା ଜଗତରେ ୪ଗୋଟି ବଳିଷ୍ଠ ଧାରା ଦେଖାଦେଇଥିଲା । ଯଥା- ୧) ବାମପନ୍ଥୀ ବୈପ୍ଳବିକ ଧାରା, ୨) ସଂସ୍କାରଧର୍ମୀ ହାସ୍ୟ ଓ ବିଦୃପ ରସାଣିତ ଧାରା, ୩) ସମନ୍ୱୟପନ୍ଥୀ କାବ୍ୟଧାରା, ୪) ନୈରାଶ୍ୟବାଦୀ କାବ୍ୟଧାରା । ଏ ପ୍ରକାର ଘଡ଼ିସନ୍ଧି ମୁହୂର୍ତରେ ନୂଆରୂପ ନେଇ ପ୍ରତିଭାତ ହୁଅନ୍ତି କବି ଚିନ୍ତାମଣି ବେହେରା । ଯାହାଙ୍କ ଉପରେ ଟି.ଏସ୍.ଏଲିୟଟ, ହୁଇଟମେନ, ବୋଦ୍‌ଲେୟାର, ମାଲାର୍ମେ, ରେମ୍ବୋ ଓ ଭାରଲିନଙ୍କ ନୈରାଶ୍ୟବାଦୀ ଭାବନା ବେଶ ପ୍ରତିଫଳିତ । ମଣିଷ ମଣିଷ ହୋଇ ରହୁ, ଜୀବନ ଜୀବନ ଭଳି ବିକଶିତ ହେଉ, ଜୀବର ସ୍ଥିତି ପାଇଁ ବ୍ୟକ୍ତିତ୍ୱର ମୌଳିକ ପ୍ରତିଷ୍ଠା ସମ୍ଭବ ହେଉ, ଜୀବନ ଓ ଜୀବିକା ସାର୍ବଜନୀନ ହେଉ- ଏ ସବୁଥିଲା କବି ଚିନ୍ତାମଣି ବେହେରାଙ୍କ କବିତାର ଅନ୍ତସ୍ୱର । ଅତିବାସ୍ତବବାଦୀ ଚେତନାରେ ଉଦ୍‌ବୁଦ୍ଧ ହୋଇ କବି ଚିନ୍ତାମଣି ଅନ୍ୟାୟ-ଅତ୍ୟାଚାର ବିରୁଦ୍ଧରେ ସ୍ୱରତୋଳି ଗାଇ ଉଠିଛନ୍ତି - :

"ମୋ ଲେଖନୀ ତେଣୁ
ଅଗ୍ନି ଜାଳଇ ଆଜି
ପୋଡ଼ିବାକୁ ଯେତେ
ଅନ୍ୟାୟ- ଅନାଚାର
ଲକ୍ଷଜନର ସ୍ୱପ୍ନ ବିରାଟ ଆଶା
ସେଇ ମୋ କବିତା ମୁକ୍ତିର ଇସ୍ତାହାର

ବାସ୍ତବରେ କବି ଚିନ୍ତାମଣି ବେହେରାଙ୍କ କାବ୍ୟ ଚେତନା ସୃଷ୍ଟିର ପଶ୍ଚାତରେ ଯେଉଁ ସମସ୍ତ ପରିବେଶ ତାଙ୍କୁ ପ୍ରେରଣା ଯୋଗାଇ ଥିଲା ତାର ଗୋଟିଏ ଗୋଟିଏ ଝଲକ ମୁଁ ଆପଣ ମାନଙ୍କ ଦୃଷ୍ଟି ପଥାରୂଢ଼ କରିବାକୁ ଚାହେଁ ।

୧) ଜୀବନ ବ୍ୟର୍ଥତାରୁ ଜୀବନ ଜିଜ୍ଞାସା -ଆଧୁନିକ ମଣିଷର ଆଶା ଅସୁମାରୀ। ମାତ୍ର ବ୍ୟର୍ଥତା ଓ ଅପମାନରେ ମଣିଷ ଅଧିର ହୋଇ ଜୀବନ ଜିଜ୍ଞାସା ଆଡ଼କୁ ଯାତ୍ରା କରେ । କବି ଚିନ୍ତାମଣି ବେହେରା ମଣିଷର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଆବଶ୍ୟକତା, ଆଶା-ଆକାଂକ୍ଷା ପୂରଣ ନିମନ୍ତେ ବାସ୍ତବ ଜୀବନ ଧାରାର ସନ୍ଦେଶ ଯୋଗାଇଛନ୍ତି । ଯଥା-

"ତୁମର ଶପଥ ପତ୍ର ମୁଁ ପଢ଼ିଲି ଏଇ
ପଢ଼ିଲି ମୁଁ ଏଇ ମୁହୂର୍ତରେ
ଜନତାର ଦରବାରେ
ଅଙ୍ଗୀକାର କଲି
ହୋଇବି ମୁଁ ମୋ ଗଣର
ମୋ ଦେଶର
ଯଥାଯୋଗ୍ୟ ଆତ୍ମାର ପ୍ରତିଭୁ ।"

୨) ଅସହାୟତାରୁ ସ୍ୱପ୍ନ ବିଳାସ- ଦେବସନ୍ତାନ ମଣିଷ ଆଜି ଲୋଭ ମୋହରେ ବଶୀଭୂତ ହୋଇ ଦିବ୍ୟତା ହରାଇଛି । କାମନା ଓ ସଭ୍ୟତାର ମାୟାମୃଗ ପଶ୍ଚାତରେ ଧାବମାନ ହୋଇ ଅସହାୟ ହୋଇପଡ଼ିଛି । ଅନ୍ୟପକ୍ଷରେ ବିଜ୍ଞାନର ଜୟଯାତ୍ରା ମଣିଷକୁ ପଙ୍ଗୁ କରି ଦେଇଛି । ମାତ୍ର ସ୍ୱପ୍ନ ମଣିଷକୁ ଆନନ୍ଦ ଦିଏ। ମୁକ୍ତ ବିହଙ୍ଗ ପରି ଉଡ଼ିବାର ସୁଯୋଗ ଦିଏ । ଯାହାକୁ ନେଇ କବିଙ୍କର ସ୍ୱର -

"ମୋର ସ୍ୱପ୍ନ ଆଜି ଆଗାମୀ ଯୁଗର
ସବୁଜ କିଆରୀରେ ଲେଖା ଯାଇଛି
ମୁକ୍ତିକାମୀ ଅନ୍ତସତ୍ୱା ନାରୀର ଗର୍ଭରେ
ସୂର୍ଯ୍ୟଦୀପ୍ତ ପ୍ରଭାବରେ
ପଲ୍ଲବ ଅଙ୍କୁରେ ।"

୩) ସଂଶୟରୁ ବାସ୍ତବ ଯାତ୍ରା - ଅହଂଭାବରୁ ଆଜିର ମଣିଷ ଅବିଶ୍ୱାସୀ । ସଂଶୟ, ସ୍ୱାର୍ଥ, ସଂକଟ, ହିଂସ୍ରତା, ସଂଘର୍ଷ ଭିତରେ ମଣିଷ ପାଲଟି ଯାଇଛି ମରୀଚିକାର ଯାତ୍ରୀ। କବି ମଣିଷ ଜୀବନର ବିଘ୍ନତା ଦୂର କରିବା ପାଇଁ ଶୁଣାଇଛନ୍ତି ନଚିକେତାର ଅମର ବାଣୀ । କବିଙ୍କ ଭାଷାରେ -

"ଅମଳାତନ୍ତ୍ର ତୁଟିନି ଆଜିବି ଦେଶେ
ଗଣତନ୍ତ୍ରର ଅଭିନୟ ଚାଲେ ନିତି
ପରାଧୀନତାର ଶୃଙ୍ଖଳ ଦେଶ ପାଦେ
ଦେଶ ନେତା କଂଣ୍ଠେ ମିଥ୍ୟା
ସାମ୍ୟର ଗୀତି ।"

୪) ଘୃଣ୍ୟ ହେୟରୁ ମମତା - ଆତ୍ମା ମଣିଷ ଘଟରେ ଥାଏ । ଯାହା ସତ୍ୟ, ଚିରନ୍ତନ ଓ ଅବିନସ୍ୱର । ଛୋଟ ଜୀବର ଘଟରେ ଥାଇ ମଧ୍ୟ ଆତ୍ମା ମହାନ ହୋଇଥାଏ । ତେଣୁ ସେମାନଙ୍କୁ ହେୟ, ନଗଣ୍ୟ ମନେ କରିବା ଅନୁଚିତ । କବି ଦୁଇପାଦ ଆଗକୁ ଯାଇ ସେହି ଇତର ଜୀବ ବିଶେଷ ଯଥା- ପେଚା, ବେଙ୍ଗ, ବଣି, ସାପ, ଉଇ, ବୁଢ଼ିଆଣୀ ପ୍ରଭୃତିଙ୍କୁ ମଣିଷ ଜୀବନର ପଥ ପ୍ରଦର୍ଶକର ସୂଚନା ଦେଇଛନ୍ତି । ବେଙ୍ଗକୁ ଚିନ୍ତାମଗ୍ନ ଦାର୍ଶନିକ, ପେଚାକୁ ଜ୍ଞାନବୃଦ୍ଧିଦୀପ୍ତ, ଉଇକୁ ଶକ୍ତି ସମ୍ପନ୍ନ, ବୁଢ଼ିଆଣୀକୁ ପ୍ରାଣର ନିର୍ଲିପ୍ତତା, ସାପକୁ ବ୍ୟଥା ବିସ୍ମୟର ପ୍ରେରକ ବୋଲି ଦର୍ଶାଇଛନ୍ତି । ଯଥା-

"ମନୁଷ୍ୟର ଜ୍ଞାନ ଚର୍ଚ୍ଚା
- ମନୁଷ୍ୟର ସୁଖ ଶାନ୍ତି ପାଇଁ
ଏଇ ବେଙ୍ଗ ଦେଖାଯାଏ - ଶେଷତାର
ପ୍ରାଣବଳି ଆହା
ପୃଥିବୀର ପ୍ରୟୋଜନ ପାଇଁ ।"

୫) ନିର୍ମମତାରୁ ପୌରାଣିକତା - ଆଜିର ସାହିତ୍ୟ ନିଃସଙ୍ଗବୋଧର ପ୍ରତୀକ। ମଣିଷ ସୀମାହୀନ ମରିଚିକା ପଛରେ ଧାଇଁ ଧାଇଁ ଶାନ୍ତିର କପୋତକୁ ହତ୍ୟା କରୁଛି । ଏହା ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ। ତେଣୁ କବି ପୌରାଣିକ ନୀତିବାଣୀ ଛଳରେ ଭାରତୀୟ ସଂସ୍କୃତିର ସୁରକ୍ଷା ପ୍ରତି ଯତ୍ନବାନ ହୋଇଛନ୍ତି । ଯଥା-

"ନାହିଁ ଆଜି କଣ୍ୱମୁନୀ-
ଅତୀତର ପୁଣ୍ୟତପୋବନ
ଚିତ୍ରାଙ୍ଗଦା ପ୍ରତ୍ୟାଖ୍ୟାତା-
ମଣିଷ ପୁରେ ନାହିଁ ସେ ଅର୍ଜୁନ ।"

୬)ହିଂସ୍ରତାରୁ ମାନବିକ ମୂଲ୍ୟବୋଧର ଜୟଯାତ୍ରା - ହିଂସ୍ରତା ମଣିଷର ଜାନ୍ତବ୍ୟ ପ୍ରବୃତି । ସେହି ମଣିଷକୁ ମୁକ୍ତିକାମୀ କରିବା ପାଇଁ କବି ସାଜିଛନ୍ତି ମହା ସଂଗ୍ରାମୀ । ମଣିଷର ଆଶା, ଆକାଂକ୍ଷା, ଆନନ୍ଦ, ବେଦନା, ପ୍ରାପ୍ତ, ଅପ୍ରାପ୍ତ ମଧ୍ୟରେ ମାନବବାଦର ବୀଜ ବୁଣିଛନ୍ତି । ସମାଜର ବୁର୍ଜୁଆ, ପଙ୍ଗପାଳଙ୍କ କବଳରୁ ସୁରକ୍ଷା ନିମନ୍ତେ ସେ ଆହ୍ୱାନ ଜଣାଇଛନ୍ତି । କବିଙ୍କ ବର୍ଣ୍ଣନାରେ -

"ପଙ୍ଗପାଳର କବଳରୁ
ମଣିଷ ଫୁଲକୁ ବଂଚାଇବାକୁ ହେବ
ବଂଚାଇବାକୁ ପଡ଼ିବ
ମାନବିକତାର ଶସ୍ୟ ।"

୭) କାବ୍ୟ କବିତାରେ ଆଧୁନିକତାର ସ୍ୱର - ଆଧୁନିକ କବିତା ଗଦ୍ୟଧର୍ମୀ । ନଥାଏ ଏଥିରେ ଛନ୍ଦ ଅଳଙ୍କାର ଅଥବା ଯତିପାତ । କବି ରମାକାନ୍ତ ରଥ, ଗୁରୁପ୍ରସାଦ ମହାନ୍ତି, ବିନୋଦ ନାୟକ, ବେଣୁଧର ରାଉତ ଓ ଭାନୁଜୀ ରାଓଙ୍କ ପରି କବି ଚିନ୍ତାମଣି ବେହେରା କବିତାରେ ସନେଟ, ଚିତ୍ରକଳ୍ପ, ପ୍ରତୀକ ଓ ଆଧୁନିକ ମିଥର ସଫଳ ପ୍ରୟୋଗ କରି ଆଧୁନିକ କବିତାକୁ ଦୁଇପାଦ ଆଗକୁ ନେଇ କବିତ୍ୱର ପରାକାଷ୍ଠା ଦେଖାଇଛନ୍ତି । ବ୍ୟକ୍ତିଗତ ପ୍ରେମ ଭାବନାର ଉତ୍କର୍ଷ ଚିତ୍ରଣ ପାଇଁ ସନେଟର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ । କବି ଚିନ୍ତାମଣି ବେହେରା ଦେହରୁ ଦେହାତୀତ ପ୍ରେମକୁ ନେଇ ୨୧ ଗୋଟି ସନେଟ ରଚନା କରିଛନ୍ତି । ଏହାର ଏକ ଝଲକ ପ୍ରଦାନ କରାଗଲା । "ଅସଂଖ୍ୟ ତାରକା ମେଳେ
ନିଜ ରୂପେ ଧ୍ରୁବ ସିନା ଧନ୍ୟ
ସେହିପରି ମୋ ଯାତ୍ରା ପଥେ ସ୍ୱପ୍ନା
ତୁମେ ଅତୁଳ ଅନନ୍ୟା ।"

ପ୍ରତୀକ, ଚିତ୍ରକଳ୍ପ ପ୍ରୟୋଗରେ କବି ଚିନ୍ତାମଣି ବେହେରା ଜଣେ ଅନନ୍ୟ ପ୍ରତିଭା । ପୌରାଣିକ ଚେତନା ହିଁ ମିଥ୍ । ଯାହା କାବ୍ୟ କବିତାର ଅଙ୍ଗ ସୁଷମା ବୃଦ୍ଧି କରିଥାଏ । କବି ଚିନ୍ତାମଣି ଜଣେ ସଫଳ ମିଥ୍ ରଚୟିତା । ରାଧାକୃଷ୍ଣ ପ୍ରେମକୁ ନେଇ କବିଙ୍କ ମିଥ୍‌ର ରୂପ-

"ଘୁଂଚାଇଲା ରାଇ ଅଭିମାନ
ଉତରଳ ମୁରଲୀର ବାଣୀ
ପୂଜାରିଣୀ ଆତ୍ମାଅଶ୍ରୁ କୋହେ
ହୋଇଥିଲା କୃଷ୍ଣ ବିରହିଣୀ ।"

ସୃଷ୍ଟି ସମ୍ଭାର ହିଁ ସ୍ରଷ୍ଟାର ପ୍ରକୃତ ପରିଚୟ । ଏ ମାଟିର ମହାକବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ ଅବସରରେ ତାଙ୍କର ଅନବଦ୍ୟ ସୃଷ୍ଟି ସମ୍ଭାର ନିମନ୍ତେ ମୋର କୋଟି କୋଟି ନମନ । ହେ ମହାତ୍ମା ! ତମର ଜନ୍ମ ଏ ମାଟିରେ ବାରମ୍ବାର ହେଉ ଓ ଏ ମାଟିର ଶ୍ରୀବୃଦ୍ଧି କରୁଥାଉ - ଏତିକି ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ-୯୯୩୭୧୫୧୩୧୦

କବିତା କୋଣାର୍କ

କବିତା

ଉମେଶ ଚନ୍ଦ୍ର ଜେନା



ଯେତେ ନିଶ୍ୱାସକୁ ଶୋଷେ
ସେତେ କାନ୍ଧର ଓଜନ
ବଢ଼ିବାକୁ ଲାଗେ
ଦେହର ରକ୍ତ ସବୁ
ଧୀରେ ଧୀରେ ଝାଳ ହୋଇ ବୁହେ
ସେତେ ଜୋରେ ଅଣ୍ଟାରେ
ଗାମୁଛା ଭିଡ଼େ ଦେବସାହୁ।

ରାତି ପାହିଲେ
ଆଖି ପାଇଲା ଯାଏଁ ଦୌଡ଼େ
କାନ୍ଧରେ ସଂସାରର ବୋଝ ନେଇ
ସ୍ତ୍ରୀ ଝିଅର ପେଟ କାଟି
ବିକିବୁଲେ ନିଜର ସ୍ୱପ୍ନକୁ
ପୁଅର ଭବିଷ୍ୟତ ପାଇଁ।

ପୁଅ କିନ୍ତୁ ଧନୀ ଛୁଆଙ୍କ ସାଥିରେ
ମୌଜ ମସ୍ତିରେ ମସଗୁଲ ହୁଏ।
ନିଜକୁ ଭୁଲି ବେଳେ ବେଳେ ଦେବସାହୁ
ହଷ୍ଟେଲ ଆଡ଼େ ବୁଲି ଆସେ
ପୁଅ ବାପାକୁ ଦେଖି
ନିଜକୁ ନିଜେ ଧିକ୍କାର କରେ
ପୁଣି ସେ ସମୟ ଅନୁସାରେ
ବଦଳିଯାଏ ପୂର୍ବ ପରି।

ଦେବ ସାହୁ ସବୁ ଜାଣେ
ସେ ବୁରୁ ବୁରୁ ହୁଏ ପାଗଳ ପରି
ପୁଅ ମୋର ପିଲା ଲୋକ
ତାର ମନ ବଦଳିବା ବୟସ
ସିଏ ନିଜକୁ ନିଜେ ବୁଝିପାରିବ
ମୁଁ ମୋ କର୍ତ୍ତବ୍ୟ କରୁଛି
ଆଉ କରିବି
ଯାହା ମୋ ଭାଗ୍ୟ।

+କଲ୍ୟାଣ ପୁର
ବିଞ୍ଝାର ପୁର
ଯାଜପୁର
ମୋ: ୯୯୩୮୩୧୬୭୩୨

ଉଠ ଉଠ ତୁମେ ଓଡ଼ିଆ ପୁଅରେ

ସିଦ୍ଧେଶ୍ୱର ତ୍ରିପାଠୀ

ଉଠ ଉଠ ତୁମେ ଓଡ଼ିଆ ପୁଅରେ
ଜାଗ୍ରତ ହୁଅ ଆଜି
କେତେଦିନ ଆଉ ମୋବାଇଲ୍ ଧରି
ତା ମାୟାରେ ଥିବ ହଜି ।
ହାତଠୁ ପଦୁଅଁ ଶଙ୍ଖ ସଭିଏଁ
ଏକସ୍ୱରେ ଦିଅ ଡାକ
ଆନ୍ଧ୍ର କବଳରୁ କୋଟିଆ ମାଟିକୁ
ଏବେଠୁ ବଞ୍ଚାଇ ରଖ ।
ନିଜ ନିଜ କଥା ଚୁଗୁଲିରେ ଆଉ
କେତେ ବିତାଇବ ଦିନ
ଏଇମିତି ହେଲେ ତୁମ ଜନ୍ମଭୂମି
ହୋଇଯିବ ସମସାନ ।
ମାଗଣା ଚାଉଳ ପେଟକୁ ପଖାଳ
ଖାଇ ସୋଇଗଲେ ଭାଇ
ତୁମ ପୁଅ ନାତି ଗର୍ବ କରିବେ
କେଉଁ ଇତିହାସ ପାଇଁ ।
ଦିଅ ଦିଅ ତୁମେ ରଣ ହୁଙ୍କାର
ବିର ପାଇକଟେ ସାଜି
ଷଡେଇ କଳା ଖରସୁଆଁ ତ
ଯାଇଛି କେବେଠୁ ହଜି ।
ସେପଟେ ବଙ୍ଗଳା ଚାହିଁ ରହିଛି
ପୁଣି ବିହାର ଛତିଶ ଗଡ଼
ଆନ୍ଧ୍ର ନାଲି ଆଖି ଦେଖି ନ ଡରିତୁ
ସୃଷ୍ଟି କର ନୂଆ ଝଡ ।
ଯାହା ହେବା କଥା ହେଇ ଯାଉ ପଛେ
ବହୁ ରକ୍ତର ନଈ
କଳିଙ୍ଗ ବୀରତ୍ତୁ ଉତ୍କଳ ସନ୍ତାନ
ପଛକୁ ଫେରିବୁ ନାହିଁ ।

+ଖୋର୍ଦ୍ଧା

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ୦୭ ନଭେମ୍ବର ୨୦୨୬ ଶନିବାର

ଦୀପାବଳି ପ୍ରଦୂଷଣ : ପରିବେଶ ପାଇଁ ବିପଦ



ଅଲେଖ ଚନ୍ଦ୍ର ସାମଲ



ଆନନ୍ଦ ଆଲୋକର ମହୋତ୍ସବ ହେଉଛି ଦୀପାବଳି। ଏହି ଦିନରେ ମା'କାଳୀଙ୍କ ପୂଜା ଆରାଧନା କରାଯାଇଥାଏ। ଏହା ସହିତ ଓଡ଼ିଶାରେ ଏହି ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ ବଡୁଆ ରୀତିନୀତି ପାଳନ କରାଯାଇଥାଏ। ପିତୃଗଣଙ୍କ ଆଶୀର୍ବାଦ କାମନାର ପରମ୍ପରା ଅନେକ ଦିନରୁ ରହିଛି। ଆମ୍ଭ ମାନଙ୍କ ଜୀବନରେ ଦୀପର ଭୂମିକାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଠାକୁରଘରେ, ଚଉରାମୂଳେ, ଦେବାଳୟରେ ଦୀପ ଦେଖିଥାଉ ଏବଂ ପ୍ରଦୀପ ପ୍ରଜ୍ଜ୍ୱଳନ ମଧ୍ୟ କରିଥାଉ। ପବିତ୍ର କାର୍ତ୍ତିକ ମାସରେ ପ୍ରତିଦିନ ଅନେକଙ୍କ ଘରେ ଦୀପ ପ୍ରଜ୍ଜ୍ୱଳନ କରାଯାଏ। ତେବେ ଏହି ଆନନ୍ଦ ଉଲ୍ଲାସର ଦୀପ ପ୍ରଜ୍ଜ୍ୱଳନ ଭିତରେ ଆମେ ପରିବେଶଜନିତ ଦିଗଟି ଆଲୋକପାତ କରୁଛୁ।

ଦିନଥିଲା ମାଟି ଦୀପଟି ଯାହାକି ପୋଡ଼ା ମାଟି ଦୀପ ଭାବରେ ପରିଚିତ। ଏଥିରେ ରାଶି, ଜଡ଼ା, ନଡ଼ିଆ, ସୋରିଷ ଓ ଗୁଆଘିଅ ବ୍ୟବହାର କରାଯାଇ ଦୀପ ଜଳା ହେଉଥିଲା। ଏହି ପ୍ରାକୃତିକ ଇନ୍ଧନ ସମଗ୍ର ପରିବେଶ ପାଇଁ ଉପଯୋଗୀ ଥିଲା କିନ୍ତୁ ବର୍ତ୍ତମାନ ଅନେକ ପରିମାଣରେ ମହମବତୀ ବ୍ୟବହାର ହେଉଛି। ପ୍ଲାଷ୍ଟିକ ତିଆରି ଅନେକ ବିଭିନ୍ନ ଆଖି ଝଲସା ବିଜୁଳି ବତୀ ଦୀପର ସ୍ଥାନରେ ବ୍ୟବହାର କରାଯାଉଛି। ଘର ଠାରୁ ଦେବାଳୟ, ରାସ୍ତା ଠାରୁ ପ୍ରତିଷ୍ଠାନ ସବୁଠି ରଙ୍ଗବିରଙ୍ଗର ଏହି ବିଜୁଳି ବତୀର ମାଳା ଝଲସି ଉଠୁଥିବାବେଳେ ଏହି ଆଲୋକ ପ୍ରଦୂଷଣ ଆମ ପରିବେଶ ପାଇଁ କ୍ଷତିକାରକ। ପ୍ରାୟତଃ ଦୀପାବଳି ସମୟରେ ଚୀନ ତିଆରି ସ୍ୱଳ୍ପ ମୂଲ୍ୟର ଏଲଇଡ଼ି ଲାଇଟ ଅନେକ ପରିମାଣରେ ବ୍ୟବହାର ହେଉଛି। କମ ଦାମ ଓ ପ୍ରାୟତଃ ଦୁଇ ଚାରି ବର୍ଷ ରହିପାରୁଥିବାରୁ ଏହାର ଚାହିଦା ମଧ୍ୟ ବଢୁଛି। ଏହା କେବଳ ପରିବେଶ ପାଇଁ ଯେ ଅନୁପଯୋଗୀ ତାହା ନୁହେଁ ବରଂ ଏଥିରୁ ବିଚ୍ଛୁରିତ ହେଉଥିବା ବ୍ଲୁ ଲାଇଟ ଆମ ଆଖି ପାଇଁ ବିପଦ ସୃଷ୍ଟି କରିଥାଏ। ଏହା ବ୍ଲୁ ପଲ୍ୟୁସନ କାରକ ମଧ୍ୟ। ସେହିପରି ଏହା ବନ୍ୟଜନ୍ତୁ ମାନଙ୍କ ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପଡ଼ିଥାଏ। ଉଚ୍ଚ ଆଲୋକିତ ଏଲଇଡି ଲାଇଟ ଅନେକ ପ୍ରାଣୀଙ୍କର ସର୍କାଡିର୍ୟନ ରିଦମକୁ ବ୍ୟାହାତ କରିଥାଏ। କାରଣ ରାତ୍ରୀଚର ପ୍ରାଣୀମାନେ ସେମାନଙ୍କର କାର୍ଯ୍ୟକଳାପ ଢ଼ାଞ୍ଚା, ପ୍ରଜନନ ଓ ସ୍ଥାନାନ୍ତରଣ କ୍ରିୟା ପାଇଁ ପ୍ରାକୃତିକ ଆଲୋକ ଉପରେ ଅଧିକ ନିର୍ଭରଶୀଳ ହେଉଥିବାରୁ ଉଚ୍ଚ ଆଲୋକର ଏଲଇଡି ଲାଇଟ ସେମାନଙ୍କ ପାଇଁ କାଳ ସଦୃଶ ହୋଇଥାଏ। ବେଳେ ବେଳେ ଉଜ୍ଜ୍ୱଳ ଆଖି ଝଲସା ତୀକ୍ଷଣ ଆଲୋକ ଗୁଡ଼ିକ ଗାଡ଼ି ଚାଳକଙ୍କ ପାଇଁ ଦୁର୍ଘଟଣାର କାରଣ ମଧ୍ୟ ହୋଇଥାଏ।

ସେହିପରି ଅଧିକ ପରିମାଣର ବିଜୁଳି ବତୀର ଆଲୋକମାଳା କେବଳ ପ୍ରଦୂଷଣ ଘଟାଇ ନଥାଏ ଏହା ବରଂ ଆମ ତାପଜ ବିଦ୍ୟୁତ ବ୍ୟବସ୍ଥା ପାଇଁ ଚାପ ସୃଷ୍ଟି କରିଥାଏ। ତାପଜ ବିଦ୍ୟୁତ ଉତ୍ପାଦନର ଉତ୍ସ ହେଉଛି କୋଇଲା ବା ଜୀବାଷ୍ମ ଅଙ୍ଗାର। ଏହି ଇନ୍ଧନ ଯେତେ ପୋଡ଼ିବ ବାୟୁ ମଣ୍ଡଳରେ ସେହିପରି ପରିମାଣର କାର୍ବନ ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଉତ୍ପାଦନ ମିଶିବ। ଏହା ବ୍ୟତୀତ ବିଜୁଳି ଦୀପ ପ୍ରାୟତଃ ନିମ୍ନମାନର ପ୍ଲାଷ୍ଟିକରେ ତିଆରି ହୋଇଥିବାରୁ ଅଳ୍ପ ଦିନରେ ନଷ୍ଟ ହୋଇଯାଏ ଏବଂ ଏହା ଆବର୍ଜନା ଭାବରେ ଏଣେତେଣେ ଫିଙ୍ଗା ଯାଏ। ଏହା ଅନେକ ବର୍ଷ ଧରି ବିଘଟିତ ହୋଇ ନପାରି ଜୈବିକ ପରିବେଶ ପ୍ରତି ଅତ୍ୟନ୍ତ ଘାତକ ବିପଦ ସୃଷ୍ଟି କରେ। ଅନେକ ମଧ୍ୟ ଜାଣି ନଥିବେ ବର୍ତ୍ତମାନ ସମୟରେ ଯେଉଁ କୃତ୍ରିମ ମହମର ବ୍ୟବହାର ଆମେ ଦେଖୁଛୁ ଏଥିରେ ପାରଫିନ ଭଳି ରାସାୟନିକ ପଦାର୍ଥ ମିଶୁଥିବାରୁ ଅନେକ ପରିମାଣର ମହମବତୀ ଜଳିବା ଦ୍ୱାରା ଏହା ପରିବେଶ ପାଇଁ ଅତ୍ୟନ୍ତ ଘାତକ। ଏସବୁ ଭିତରେ ଅନେକଙ୍କ ଭିତରେ ପରମ୍ପରାର ଅନୁସରଣର ଭାବନା ରହିଛି। ମାଟି ଦୀପରେ ଦେଶୀ ତେଲ ବ୍ୟବହାର କରି ଦୀପାବଳି ପାଳନ କରୁଛନ୍ତି। ଅନେକ ଭାବରେ ପୋଲାଙ୍ଗ, ଜଡ଼ାତେଲ ପରିବେଶ ପାଇଁ ଅନୁକୂଳ। ଏଥିରୁ ପ୍ରଥମତଃ ଅଧିକ ଧୂଆଁ ବାହାରି ନଥାଏ ବରଂ ଏହା ଜୈବିକ ପରିବେଶରେ ଏକ ପ୍ରକାର ବିଶୋଧନ କାର୍ଯ୍ୟ କରିଥାଏ। ତେବେ ପୋଲାଙ୍ଗ ତେଲର ସ୍ୱତନ୍ତ୍ରତା ହେଉଛି ଏଥିରେ କାର୍ବନ ଡାଇଅକ୍ସାଇଡ଼ ଖୁବ କମ ରହିଥାଏ ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ତେଲ ଜଳିଲେ ସେଥିରୁ ସଲଫର ଅକ୍ସାଇଡ଼ ଉତ୍ପନ୍ନ ହୋଇନଥାଏ ଯାହା ବାୟୁମଣ୍ଡଳକୁ ସବୁଠୁ ଅଧିକ ବିଷାକ୍ତ କରିଥାଏ। ପୁଣି ଜଡ଼ାତେଲରେ ଦୀପ ଜଳିବା ସମୟରେ ଯେଉଁ ଧୂଆଁ ନିର୍ଗତ ହୁଏ ତାହା ବାୟୁମଣ୍ଡଳରେ ଥିବା ସୀସା ଭଳି ବିଭିନ୍ନ ଭାରୀ ଧାତୁକୁ ଶୋଷଣ କରିନିଏ ଫଳରେ ବାୟୁ ପ୍ରଦୂଷଣ କମ ହୁଏ।

ଆଲୁଅ ଅନ୍ଧାରର କାହାଣୀ ହେଉଛି ଦୀପାବଳି। ଏହା କେବଳ ଦୀପ ପ୍ରଜ୍ଜ୍ୱଳନ ବା ପରମ୍ପରାର ଦିନ ନୁହଁ। ଏହି ମଙ୍ଗଳନାଶୀ ପ୍ରଦୀପ ପ୍ରଜ୍ଜ୍ୱଳନ ପଛରେ ଏହା ଯେତିକି ଅନ୍ଧାର ବିନାଶ କରିଥାଏ ସେତିକି ଶିକ୍ଷାପ୍ରଦ ମଧ୍ୟ। ଆମର ମହାନ ଭାରତୀୟ ପରମ୍ପରାରେ ଅଗ୍ନି ଓ ତେଲ ଉଭୟ ପବିତ୍ର ଭାବେ ବିବେଚିତ। ପୁଣି ଶୁଦ୍ଧ ଶକ୍ତି ହୋଇଥିବାରୁ ବୈଦିକ ରୀତିନୀତିରେ ଅଗ୍ନିତତ୍ତ୍ୱର ବିଭିନ୍ନ ତାତ୍ପର୍ଯ୍ୟ କଥା ଉଲ୍ଲେଖ ଅଛି। ଆମ ଓଡ଼ିଆଙ୍କ ଘରେ ଘରେ ସଞ୍ଜ ଓ ସକାଳେ ଘର ଦ୍ୱାର ମୁହଁରେ ଚଉରାମୂଳରେ ସଞ୍ଜବତୀ ପ୍ରଦାନ କରିବାର ଅନେକ ସୁପ୍ରାଚୀନ ପ୍ରଥାଟି ରହିଛି। ପ୍ରଦୀପ ପ୍ରଜ୍ଜ୍ୱଳନ ସମୟରେ ଆମ୍ଭେମାନେ ପରିବେଶଗତ ଦିଗଟିକୁ ଭଲ ଭାବେ ଚିନ୍ତା କରିବା ଉଚିତ। ବିପୁଳ ବିଜୁଳି ବତୀର ବ୍ୟବହାର ଦ୍ୱାରା ଆମେ ଏକ ପ୍ରକାର ବିଦ୍ୟୁତ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛୁ। ସେହିପରି ଅନେକ ପରିମାଣରେ ନିମ୍ନମାନର ତେଲ ଦୀପରେ ବ୍ୟବହାର କରାଯାଉଥିବାରୁ ଏହା ବାୟୁମଣ୍ଡଳକୁ ବିଷାକ୍ତ କରୁଛି। ତେଣୁ ଆଲୋକର ମହାପାର୍ବଣ ସମୟରେ ଆମେ ଆଧାତ୍ମିକ ଭାବନା ଭିତରେ ପରିବେଶର ଦିଗଟିକୁ ଟିକିଏ ଭଲ ଭାବେ ଦେଖିଲେ ଦୀପାବଳିଟି ଅଧିକ ଶିକ୍ଷାପ୍ରଦ ହେବ ଆମ ସମସ୍ତଙ୍କ ପାଇଁ।

ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୬୧୨୩

ଦୀପାବଳି

ଗୋଲୋକ ବିହାରୀ ବେହେରା



କାର୍ତ୍ତିକ ମାସର ଅମାବାସ୍ୟା ଦିନ
ଦୀପାବଳି ପର୍ବ ପାଳନ ହୁଏ,
ପିତୃ ପୁରୁଷଙ୍କୁ ପିଣ୍ଡଦାନ କରି
କାଉଁରିଆ କାଠିକୁ ଜଳାଯାଏ ।

ଆଶ୍ୱିନ ମାସର ଅମାବାସ୍ୟା ଦିନ
ଆସିଥିଲେ ପିତୃ ପୁରୁଷ ମାନେ,
ଦିବ୍ୟ ଆଲୋକରେ ଆଜିର ଦିନରେ
ସରଗକୁ ଫେରି ଯିବେ ସେମାନେ ।

ବଡ଼ ବଡୁଆ ହେ ଅନ୍ଧାରରେ ଆସି
ଗଙ୍ଗା ଗୟା ଶିରୀକ୍ଷେତ୍ରକୁ ଯାଆ,
ହରି ନାମ ଭଜି ବାଇଶି ପାହାଚେ
ଗଡ଼ି ଗଡ଼ି ଯାଇ ମୁକତି ପାଆ ।

ତ୍ରେତୟା ଯୁଗରେ ପିତୃସତ୍ୟ ପାଳି
ରାମ ଗଲେ ବନ ଚଉଦ ବର୍ଷ,
ପତ୍ନୀ ସୀତା, ଭାଇ ଲକ୍ଷ୍ମଣ ସହିତ
ଫେରିଲେ ରାବଣ କରି ବିନାଶ ।

ସେ ଦିନ କାର୍ତ୍ତିକ ଅମାବାସ୍ୟା ଥିଲା
ଅଯୋଧ୍ୟାକୁ ପ୍ରତ୍ୟାଗମନ ଦିନ,
ଆନନ୍ଦ ଉଲ୍ଲାସେ ନଗରର ପ୍ରଜା
ଦୀପଜାଳି କରିଥିଲେ ପାଳନ ।

ଦ୍ୱାପର ଯୁଗରେ କୃଷ୍ଣ ଏହିଦିନ
ତାରକାସୁରକୁ ବଧ କରିଲେ,
ଷୋହଳ ସହସ୍ର ଗୋପ ରମଣୀଙ୍କୁ
ବନ୍ଦୀ ଜୀବନରୁ ମୁକୁଳାଇଲେ ।

ଜୈନଧର୍ମ ଶ୍ରେଷ୍ଠ ପ୍ରଭୁ ମହାବୀର
ଏହି ଦିନ ନିର୍ବାଣ ପ୍ରାପ୍ତ ହେଲେ,
ତାଙ୍କ ଶିଷ୍ୟମାନେ ସ୍ମାରକୀ ସଦୃଶ
ପ୍ରଦୀପ ଜଳାଇ ପାଳନ କଲେ ।

ଦୀପାବଳି ଦିନ ଆଚାର୍ଯ୍ୟ ଶଙ୍କର
ପ୍ରବେଶ କରି ମୃତ ଶରୀରରେ,
ପୁନଃ ଜୀବନ ଲାଭ କରିଥିଲେ
ଶିଷ୍ୟ ଦୀପ ଜାଳିଲେ ଆନନ୍ଦରେ ।

ଆଲୋକର ପର୍ବ ଏହି ଦୀପାବଳି
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ,
ଭାରତ ବର୍ଷର ସବୁ ପ୍ରଦେଶରେ
ଦୀପ ଜଳାଯାଏ ଏ ଦିବସରେ ।

+ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ଭାରତୀୟ ସଂସ୍କୃତି, ପରମ୍ପରା ଓ ସମୃଦ୍ଧିର ଏକ ପବିତ୍ର ପର୍ବ ଦୀପାବଳି



ସୁବ୍ରତ କୁମାର ଦାସ

ଭାରତୀୟ ପରମ୍ପରାରେ ପ୍ରତ୍ୟେକ ପର୍ବପର୍ବାଣି ପଛରେ ରହିଛି ଏକ ଆଧ୍ୟାତ୍ମିକ ଭାବନା, ଧାର୍ମିକ ବିଶ୍ୱାସ ଓ ଜୀବନକୁ ସୁନ୍ଦର କରିବାର ମହାନ ବାର୍ତ୍ତା। ସେହିପରି ଦୀପାବଳି ଉତ୍ସବର ଆରମ୍ଭରେ ପାଳିତ ହେଉଥିବା ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ହେଉଛି ଧନତେରସ ବା ଧନତ୍ରୟୋଦଶୀ। ଏହା କେବଳ ଧନ, ସୁନା, ରୁପା କିମ୍ବା ନୂତନ ବାସନ କିଣିବାର ପର୍ବ ନୁହେଁ; ବରଂ ସୁସ୍ଥ ଜୀବନ, ଆରୋଗ୍ୟ, ସମୃଦ୍ଧି ଓ ଶୁଭ ସମୟର ଆଗମନକୁ ସ୍ୱାଗତ କରିବାର ଏକ ପାରମ୍ପରିକ ଅବସର। ହିନ୍ଦୁ ପଞ୍ଜିକା ଅନୁସାରେ, କାର୍ତ୍ତିକ ମାସର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ ପାଳନ କରାଯାଏ। 'ଧନ' ଅର୍ଥ ସମ୍ପଦ ଓ 'ତେରସ' ଅର୍ଥ ତ୍ରୟୋଦଶୀ ତିଥି। ଏହି ଦିନକୁ ଧନତ୍ରୟୋଦଶୀ ମଧ୍ୟ କୁହାଯାଏ।
ପୌରାଣିକ ବିଶ୍ୱାସ ଅନୁଯାୟୀ, ସମୁଦ୍ର ମନ୍ଥନ ସମୟରେ ଭଗବାନ ଧନ୍ୱନ୍ତରୀ ଅମୃତ କଳସ ଧରି ସମୁଦ୍ରରୁ ଆବିର୍ଭୂତ ହୋଇଥିଲେ। ଭଗବାନ ଧନ୍ୱନ୍ତରୀଙ୍କୁ ଆୟୁର୍ବେଦର ପ୍ରବର୍ତ୍ତକ ତଥା ଦେବତାମାନଙ୍କ ବୈଦ୍ୟ ଭାବେ ପୂଜା କରାଯାଏ। ତେଣୁ ଏହି ଦିନ ତାଙ୍କର ଆରାଧନା କରି ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ରୋଗମୁକ୍ତ ଜୀବନ କାମନା କରାଯାଏ। ଏହି କାରଣରୁ ଧନତେରସକୁ ଆରୋଗ୍ୟ ଓ ସ୍ୱାସ୍ଥ୍ୟ ସମୃଦ୍ଧିର ପର୍ବ ଭାବେ ମଧ୍ୟ ଗ୍ରହଣ କରାଯାଏ। ଏହି ଦିନ ଧନର ଦେବୀ ମା' ଲକ୍ଷ୍ମୀ ଏବଂ ସମ୍ପଦର ଅଧିପତି କୁବେରଙ୍କୁ ମଧ୍ୟ ପୂଜା କରିବାର ପରମ୍ପରା ରହିଛି। ଘରେ ସୁଖ, ଶାନ୍ତି, ସମୃଦ୍ଧି ଓ ଆର୍ଥିକ ସ୍ଥିରତା ପାଇଁ ଲୋକମାନେ ଏହି ଦିନ ଦେବଦେବୀଙ୍କ ଆଶୀର୍ବାଦ କାମନା କରନ୍ତି।
ଧନତେରସଙ୍କ ସହିତ ରାଜା ହିମଙ୍କ ପୁତ୍ରଙ୍କର ଏକ ପ୍ରସିଦ୍ଧ କାହାଣୀ ଜଡ଼ିତ ଅଛି। ପୌରାଣିକ କଥା ଅନୁସାରେ, ରାଜାଙ୍କ ପୁତ୍ରଙ୍କ ଜାତକରେ ବିବାହର ଚତୁର୍ଥ ଦିନ ସର୍ପଦଂଶନରେ ମୃତ୍ୟୁ ହେବାର ଯୋଗ ଥିଲା। ଏହା ଜାଣି ତାଙ୍କ ପତ୍ନୀ ସେହି ରାତିରେ ଘରର ଦ୍ୱାର ସମ୍ମୁଖରେ ସୁନା, ରୁପା ଓ ଅଳଙ୍କାର ରଖିବା ସହ ଅସଂଖ୍ୟ ଦୀପ ଜାଳିଥିଲେ। ଯମଦେବ ସର୍ପ ରୂପରେ ଆସି ଦୀପର ତେଜ ଓ ଅଳଙ୍କାରର ଚମକରେ ଆକର୍ଷିତ ହୋଇ ଭିତରକୁ ପ୍ରବେଶ କରିପାରି ନଥିଲେ। ଫଳରେ ରାଜକୁମାରଙ୍କ ଜୀବନ ରକ୍ଷା ପାଇଥିଲା। ଏହି କାହାଣୀ ସହିତ ଧନତେରସରେ ଯମଦୀପ ଜାଳିବାର ପରମ୍ପରା ଜଡ଼ିତ ବୋଲି ବିଶ୍ୱାସ କରାଯାଏ।
ଭାରତୀୟ ସଂସ୍କୃତିରେ ଧନର ଅର୍ଥ କେବଳ ଅର୍ଥ କିମ୍ବା ସମ୍ପତ୍ତି ନୁହେଁ। ସୁସ୍ଥ ଶରୀର, ଶାନ୍ତ ମନ, ଉତ୍ତମ ପରିବାର, ଜ୍ଞାନ, ସଦ୍‌ଗୁଣ ଓ ସାମାଜିକ ସମ୍ମାନ ମଧ୍ୟ ପ୍ରକୃତ ସମ୍ପଦର ପରିଚୟ। ଆମ ପରମ୍ପରାରେ ଏହି ଦିନ ସୁନା, ରୁପା, ପିତ୍ତଳ, ତମ୍ବା କିମ୍ବା ନୂତନ ବାସନ କିଣିବା ଶୁଭ ବୋଲି ମନେ କରାଯାଏ। ଏହା ସହିତ ଘର ସଫାସୁତୁରା କରିବା, ଦ୍ୱାରରେ ଝୋଟି ଓ ରଙ୍ଗୋଲି ପକାଇବା, ଦୀପ ଜାଳିବା ଏବଂ ମା' ଲକ୍ଷ୍ମୀଙ୍କୁ ଆମନ୍ତ୍ରଣ କରିବାର ପରମ୍ପରା ରହିଛି।
ଧନତେରସ ଆମକୁ ଏକ ସୁନ୍ଦର ସାମାଜିକ ଓ ଆର୍ଥିକ ବାର୍ତ୍ତା ମଧ୍ୟ ଦିଏ। ଏହି ସମୟରେ ଲୋକମାନେ ନୂତନ ସାମଗ୍ରୀ କିଣିବା ସହ ସ୍ଥାନୀୟ ବ୍ୟବସାୟୀ, କାରିଗର, କୁମ୍ଭାର ଓ ଛୋଟ ଉଦ୍ୟୋଗୀଙ୍କଠାରୁ ସାମଗ୍ରୀ କିଣିଥାନ୍ତି। ଫଳରେ ସ୍ଥାନୀୟ ବଜାରରେ ଆର୍ଥିକ କାରବାର ବୃଦ୍ଧି ପାଏ ଏବଂ ଅନେକ ପରିବାରର ଜୀବିକାକୁ ସହାୟତା ମିଳେ। ଓଡ଼ିଶାରେ ମଧ୍ୟ ଧନତେରସ ପାଳନର ଧାରା କ୍ରମଶଃ ଲୋକପ୍ରିୟ ହୋଇଛି। ସହରଠାରୁ ଗାଁ ପର୍ଯ୍ୟନ୍ତ ଲୋକମାନେ ଏହି ଅବସରରେ ନୂତନ ବାସନ, ଧାତୁ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ପଦାର୍ଥ କିଣିଥାନ୍ତି। ତେବେ ଓଡ଼ିଆ ସଂସ୍କୃତିରେ ଏହା ଦୀପାବଳିର ଅନ୍ୟାନ୍ୟ ପାରମ୍ପରିକ ରୀତିନୀତି ସହ ମିଶି ଉତ୍ସବର ଆନନ୍ଦକୁ ଆହୁରି ବଢ଼ାଇ ଥାଏ।
ଧନତେରସର ସବୁଠାରୁ ବଡ଼ ଶିକ୍ଷା ହେଉଛି—ସ୍ୱାସ୍ଥ୍ୟ ହିଁ ପ୍ରକୃତ ସମ୍ପଦ। ମଣିଷ ପାଖରେ କୋଟି କୋଟି ଟଙ୍କା ଥାଇ ମଧ୍ୟ ଯଦି ଉତ୍ତମ ସ୍ୱାସ୍ଥ୍ୟ ଓ ମାନସିକ ଶାନ୍ତି ନାହିଁ, ତେବେ ସେହି ସମ୍ପଦର ମୂଲ୍ୟ ଅନେକାଂଶରେ ଅର୍ଥହୀନ। ସେହିପରି ଧନର ସଦୁପଯୋଗ, ପରିଶ୍ରମ, ସତ୍ୟନିଷ୍ଠା ଓ ନୈତିକତା ହିଁ ପ୍ରକୃତ ସମୃଦ୍ଧିର ଆଧାର। ଆଜିର ସମାଜରେ ଧନତେରସର ପ୍ରକୃତ ବାର୍ତ୍ତାକୁ ଆମେ ଆହୁରି ବ୍ୟାପକ କରିବା ଆବଶ୍ୟକ। ଧନ ସଞ୍ଚୟ ସହିତ ଦାନ, ସେବା, ସହଯୋଗ ଓ ପରୋପକାରର ମନୋଭାବ ରଖିବା ଉଚିତ। ଅସହାୟଙ୍କୁ ସାହାଯ୍ୟ କରିବା, ଗରିବଙ୍କ ମୁହଁରେ ହସ ଫୁଟାଇବା ଏବଂ ସମାଜରେ ସୁସ୍ଥ ଓ ସୁନ୍ଦର ଜୀବନଧାରା ଗଢ଼ିବା ହିଁ ଏହି ପର୍ବର ପ୍ରକୃତ ସାର୍ଥକତା। ସୁତରାଂ, ଧନତେରସ ହେଉଛି ଧନ, ଆରୋଗ୍ୟ, ସମୃଦ୍ଧି ଓ ଶୁଭଚିନ୍ତନର ଏକ ପବିତ୍ର ପର୍ବ। ଏହା ଆମକୁ ଶିଖାଏ ଯେ, ଜୀବନରେ କେବଳ ଧନୀ ହେବା ସଫଳ ନୁହେଁ, ବରଂ ସୁସ୍ଥ, ସୁଖୀ, ସଂସ୍କାରୀ ଓ ମାନବିକ ହେବା ହିଁ ପ୍ରକୃତ ସଫଳତା। ତେବେ,ଏହି ଧନତେରସରେ କେବଳ ଧନସମ୍ପତ୍ତି ନୁହେଁ, ସୁସ୍ଥ ଜୀବନ, ଶୁଦ୍ଧ ଚିନ୍ତା, ଉତ୍ତମ କର୍ମ ଓ ମାନବିକ ମୂଲ୍ୟବୋଧକୁ ଆମ ଜୀବନର ପ୍ରକୃତ ସମ୍ପଦ ଭାବେ ଗ୍ରହଣ କରିବା ଉଚିତ୍। ତେଣୁ, ଧନରେ ନୁହେଁ, ଧର୍ମରେ; ସମ୍ପତ୍ତିରେ ନୁହେଁ, ସଦ୍ ?ଗୁଣରେ; ଆଡ଼ମ୍ବରରେ ନୁହେଁ, ଆରୋଗ୍ୟ ଓ ଆତ୍ମସନ୍ତୋଷରେ ନିହିତ ରହିଛି ଜୀବନର ପ୍ରକୃତ ସମୃଦ୍ଧି। ସମସ୍ତଙ୍କ ଜୀବନ ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ଓ ସମୃଦ୍ଧିରେ ଭରିଯାଉ।

+ ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ...



ଯୁଧିଷ୍ଠିର ମହାରଣା

''ଓଁ ଜୟନ୍ତୀ ମଙ୍ଗଳାକାଳୀ ଭଦ୍ରକାଳୀ କପାଳିନୀ, ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱାହା ନମସ୍ତୁତେ ।'' ସର୍ବ ମଙ୍ଗଳମୟୀ ମହାମାୟା କାଳୀଙ୍କର ପୂଜା ଦେଶରେ ସର୍ବତ୍ର ପାଳିତ ହେଉଛି । ଦେବୀଙ୍କର ମୃଣ୍ମୟ ଜ୍ୱଳନ୍ତ ପ୍ରତିମୂର୍ତ୍ତି ଭୟ ବିହ୍ୱଳିତ କରିବା ସଙ୍ଗେ ସଙ୍ଗେ ଭକ୍ତିର ଭାବ ଜାଗ୍ରତ କରାଇଥାଏ । ସର୍ବଶକ୍ତିମୟୀ ବିଶ୍ୱଜନନୀଙ୍କର ଏପରି ଉଗ୍ରମୂର୍ତ୍ତି ଦେଖିଲେ ମନରେ ନାନା ପ୍ରଶ୍ନ ଉଠେ । ଦେବୀଙ୍କର ଏପରି ରୂପ ହେଲା କାହିଁକି ? ପୁରାଣରେ ଯାହା ଉଲ୍ଲେଖ ଅଛି ଏହି ଦିନରେ ମହିଁଷାସୁର ସହିତ ଯୁଦ୍ଧ ହେବାପରେ ଦେବୀ ଅତ୍ୟନ୍ତ କ୍ରୋଧିତ ଓ ମ୍ରିୟମାଣ ହୋଇପଡ଼ିଥିଲେ। ତାଙ୍କ ଭିତରେ ରହିଥିବା ଭୟାବହ କ୍ରୋଧକୁ ଶାନ୍ତ କରିବା ପାଇଁ ଦେବତା ମଣ୍ଡଳୀଙ୍କ ଭିତରେ ଏକ ପ୍ରକାର ଚିନ୍ତା ପଡ଼ିଗଲା। ପରିଶେଷରେ ଶିବଙ୍କ ଶରଣାପନ୍ନ ହେଲେ ଏବଂ ସେମାନଙ୍କ ଅନୁରୋଧରେ ଭଗବାନ ଶିବ ଅଗ୍ରସର ହୋଇ ଦେବୀଙ୍କ ଅଜାଣତରେ ଶୋଇ ରହିଲେ । ଅକସ୍ମାତ ଦେବୀଙ୍କର ପାଦ ଶିବଙ୍କ ବକ୍ଷ ଦେଶରେ ପଡ଼ନ୍ତେ, ନିଜର ଭୁଲପାଇଁ ଅର୍ଦ୍ଧଜିହ୍ୱ ପ୍ରସାରଣ କରି ତଟସ୍ଥ ହୋଇରହିଲେ ଦେବୀ ।

ପୁରାଣ ବର୍ଣ୍ଣିତ ଏପରି ଉପାଖ୍ୟାନକୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ଗଠନରେ ଫୁଟାଇ ପାରିଛନ୍ତି । ଆମେ ମଧ୍ୟ ଅନେକ ପୂଜା ମଣ୍ଡପରେ ଓ ଦେବୀଙ୍କ ମୂର୍ତ୍ତିରେ ମା'ଙ୍କର ଏହି ଭୟାବହ ରୂପ ଶିରମାଳା ବିଭୂଷଣ, ରକ୍ତପାତ୍ର ଧାରଣ, ଶ୍ମଶାନର ଦୃଶ୍ୟ ପ୍ରଭୃତି ଦେଖିଥାଉ। ମା'ଦେବୀଙ୍କର ଏହି ଭୟ ଉଦ୍ରେକକାରୀ ରୂପକାନ୍ତୀକୁ ଚାମୁଣ୍ଡା ଆଖ୍ୟା ଦିଆଯାଇଛି। ସେହିପରି ଚଣ୍ଡୀପୁରାଣରେ ବର୍ଣ୍ଣନା ରହିଛି ମହିଷାସୁରର ସେନାପତି ରକ୍ତବୀଜ ସହିତ ଦୁର୍ଗାଙ୍କର ଯୁଦ୍ଧ ବେଳେ ଯୁଦ୍ଧକ୍ଷେତ୍ରରେ ଭୂମିରେ ରକ୍ତପାତ ମାତ୍ରକେ ସହସ୍ରାଧିକ ଅସୁର ସୈନ୍ୟଙ୍କ ଜନ୍ମ ଫଳରେ, ଦୁର୍ଗା କ୍ରୋଧାନ୍ୱିତା ହୋଇ କପାଳରୁ ଅନ୍ୟ ଏକ ଦେବୀ ଜାତ କଲେ ଯେ କି ରକ୍ତପାତ୍ର ଧରି ରକ୍ତବୀଜର ପତିତ ରକ୍ତ ଶୋଷଣ କରିବାକୁ ଲାଗିଲେ । ଦେବୀଙ୍କର ଏପରି ଉଗ୍ର ରୂପକୁ ଚାମୁଣ୍ଡା ବୋଲି କୁହାଯାଏ । ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ସ୍ତୋତ୍ରରେ ଉଲ୍ଲେଖ ଅଛି - ''ଦଂଷ୍ଟ୍ରା କରାଳ ବଦନେ ଶିରୋମାଳା ବିଭୂଷଣେ, ଚାମୁଣ୍ଡେ ମୁଣ୍ଡ ମଥନେ ନାରାୟଣୀ ନମସ୍ତୁତେ ।'' ବିଭିନ୍ନ ଐତିହାସିକ ଓ ଆଧାତ୍ମିକ ଗବେଷଣାର ତଥ୍ୟରୁ ଉପଲବ୍ଧ ସୂତ୍ର ଯାହା ଉଲ୍ଲେଖ ରହିଛି ଶକ୍ତି ଉପାସନା ପ୍ରାୟ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରୁ ଓଡ଼ିଶାରେ ଆରମ୍ଭ ହୋଇଥିଲେ ମଧ୍ୟ ତାନ୍ତ୍ରିକ ଭିତ୍ତିରେ ବିପୁଳ ପ୍ରସାର ଭୌମଯୁଗରେ ତାନ୍ତ୍ରିକ ପୂଜା ଏପରି ଆକାର ଧାରଣା କଲା ଯେ ଲୋକମାନେ ଧର୍ମ ନିର୍ବିଶେଷରେ ବିଭିନ୍ନ ଦେବ ଦେବୀଙ୍କୁ ତାନ୍ତ୍ରିକ ମତରେ ପୂଜା କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ନର ମାଂସ ଭକ୍ଷଣ, ଶ୍ମଶାନରେ ପୂଜା କରିବା, ନିଜର ଶରୀରକୁ ପୂଜା ଭସ୍ମରେ ଭୂଷିତ କରିବା, ଦେବୀଙ୍କୁ ସନ୍ତୁଷ୍ଟ କରିବା, ନରବଳି ଦେବା ଏବଂ ଉଲଗ୍ନ ସ୍ତ୍ରୀକୁ ପୂଜା କ୍ଷେତ୍ରରେ ଉପସ୍ଥିତ କରି ତାନ୍ତ୍ରିକ ଯୋଗସାଧନା କରିବା ପ୍ରଭୃତି କାପାଳିକ ପୂଜା ପଦ୍ଧତିକୁ ଶ୍ରେୟସ୍କର ମନେକଲେ । ଓଡ଼ିଶାରେ ମା'କାଳୀଙ୍କ ପୂଜା ବା ଦୀପାବଳି ଘରେ ଘରେ ଆନନ୍ଦ ଉଲ୍ଲାସର ସହିତ ପାଳନ ହୋଇଥାଏ। ଏହି ଦିନରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ରୀତିନୀତି ଅନୁଷ୍ଠିତ ହୋଇଥାଏ। ପିତୃପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଇଥାଏ - 'ବଡ଼ ବଡୁଆ ହୋ, ଅନ୍ଧାରରେ ଆସ ଆଲୁଅରେ ଯା, ପୁରୁ ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାବଚ୍ଛେ ଗଡ଼ଗଡ଼ାଉ ଥା'। ଏହି ଦୀପାବଳି ଦିବସରେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ନୂଆ ଖାତା ପୂଜା କରିଥାନ୍ତି। ସେହିପରି ଦୀପାବଳି ପରି ଏକ ସର୍ବଭାରତୀୟ ଆଲୋକର ଉତ୍ସବ ସହିତ ଆଉ ଚାରିଗୋଟି ଉତ୍ସବ ମଧ୍ୟ ସମ୍ପୃକ୍ତ ସେଗୁଡ଼ିକ ହେଉଛି ପ୍ରାୟତଃ ଉତ୍ତର ଭାରତରେ କଂସା ବ୍ୟବସାୟୀମାନେ ପୂଜିତ କରୁଥିବା ଧନଦାତ୍ରୟୋଦଶୀ ଅନୁଷ୍ଠିତ ହୋଇଥାଏ। ଏହି ଦିବସଟିକୁ ନରକ ଚତୁର୍ଦ୍ଦଶୀ ଭାବେ ମଧ୍ୟ ପାଳନ କରାଯାଏ। ବିଶ୍ୱାସ ରହିଛି ଭଗବାନ ଶ୍ରୀକୃଷ୍ଣ ଏହି ଦିନରେ ନରକାସୁରକୁ ବଧ କରିଥିଲେ। ଏହି ଦିନରେ ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ କୋପରୁ ଗୋପପୁର ବାସୀଙ୍କୁ ରକ୍ଷା କରିଥିବାରୁ ଗୋବର୍ଦ୍ଧନ ପୂଜା ବା ଅନ୍ନକୂଟ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଦିବସଟି ସହିତ ଯମଦ୍ୱିତୀୟା ବା ଭାତୃଦ୍ୱିତୀୟା ଜଡ଼ିତ। ମୃତ୍ୟୁର ଅଧିପତି ଯମରାଜଙ୍କୁ ଏହି ଦିନରେ ପୂଜା କରାଯାଏ। ସେହିପରି ଭାଇର ସର୍ବମଙ୍ଗଳ ଓ ଉନ୍ନତି କାମନା କରି ଭଉଣୀମାନେ ଭ୍ରାତୃ ଦ୍ୱିତୀୟା ପାଳନ କରିଥାନ୍ତି। ଏହି ଦିନରେ କାଳୀ ସାଧକମାନେ ମଧ୍ୟ ରାତ୍ରରେ ଶ୍ମଶାନରେ ବାମାଚାର ପୂଜା ମାଧ୍ୟମରେ କାଳୀଙ୍କ ପୂଜା କରିଥାନ୍ତି। ଦୀପାବଳି ଦିନ ଆମେ ଯେଉଁ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥାଉ ତାହା ହେଉଛି ସତ୍ୟ, ଧର୍ମ, ନ୍ୟାୟ ଓ ଶାନ୍ତିର ଆଲୋକର ପ୍ରତୀକ। ଭାରତୀୟ ମହାନ ଋଷିମାନେ ଉଦାତ୍ତ କଣ୍ଠରେ ଗାନ କରିଛନ୍ତି - 'ଅସତୋ ମା ସତ୍ ଗମୟ, ତମ ସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ।' ଏହି ମନ୍ତ୍ରଟି ଆମ ମାନଙ୍କୁ ମହାନ ଶିକ୍ଷାଟି ଦେଇଥାଏ ଅସତ୍ୟ ଜଗତରୁ ସତ୍ୟ ଜଗତକୁ ଯିବା ପାଇଁ, ଅନ୍ଧକାରମୟ ଭିତରୁ ଆଲୋକିତ ରାଜ୍ୟକୁ ଗତି କରିବା ଲାଗି, ସର୍ବୋପରି ମୃତ୍ୟୁ ରାଜ୍ୟରୁ ଅମୃତତ୍ତ୍ୱ ରାଜ୍ୟରେ ପହଞ୍ଚିବା। ଆମ ଜୀବନ ହେଉଛି ଆଲୋକ ଗୀତିର ଜୀବନ ଛନ୍ଦ। ଅନ୍ଧକାରକୁ ଅତିକ୍ରମ କରିବା ପାଇଁ ଆମ ମନ ରାଜ୍ୟଟି ସବୁବେଳେ ଆଗ୍ରହୀ। ସେହି ଆନନ୍ଦ, ଉତ୍କଣ୍ଠା ଓ ଆଗ୍ରହର ମୂକସାକ୍ଷୀ ଭାବରେ ପ୍ରତିବର୍ଷ ଦୀପାବଳି ଆମ ମାନଙ୍କ ଅନ୍ତରର ବାଣୀଟିକୁ ହିଁ ପୃଥିବୀ ପୃଷ୍ଠରେ ପ୍ରଚାରିତ କରେ। ଆମ ଅନ୍ତର୍ନିହିତ ଭାବାବେଗର ଉନ୍ମୋଚନ ହୁଏ ଏହି ପବିତ୍ର ଦୀପାବଳିରେ। ଦୀପାବଳି ନୈତିକତା ଉପରେ ଯେତିକି ଆଧାରିତ ଏହା ମୂଳରେ ମାନବିକତାର ଆଦର୍ଶ ସ୍ୱାକ୍ଷର ମଧ୍ୟ ନିହିତ।



+ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

ଆଲୋକର ପର୍ବ

ସନ୍ତୋଷ କୁମାର ଅଦାବର

ଆଲୋକର ଏଇ ପରବ
ଦୀପାବଳି ତା' ନାମ
କାର୍ତ୍ତିକ ଅମାବାସ୍ୟା ଦିନ
କରିଥାଉ ପାଳନ ।

ଚଉଦ ବରଷ ଶ୍ରୀରାମ
ଥିଲେ ବନବାସରେ
ପତ୍ନୀ, ଭ୍ରାତା ସଙ୍ଗେ ଅଯୋଧ୍ୟା
ଏଇ ଦିନେ ଫେରିଲେ ।

ଦୀପ ଜାଳି ତାଙ୍କୁ ସ୍ୱାଗତ-
କରାଗଲା ସେ ଯୁଗେ
ଦୀପ ଜାଳି ଗୃହ ସଜାଇ
ପାଳୁଛୁ ନାନା ଢଙ୍ଗେ ।

ମାତା ଲକ୍ଷ୍ମୀଙ୍କୁ ପୂଜାକରୁ
ଭକତିରେ ହରଷେ
ରଙ୍ଗୋଳି, ମହମବତୀରେ
ଘର ଅଗଣା ହସେ ।

ଅସତ୍ୟ, ଅଧର୍ମର ନାଶ
ସତ୍ୟ, ଧର୍ମର ଜୟ
ଅନ୍ଧକାରକୁ ବିନାଶି ଯେ
ଜ୍ଞାନ ଲଭେ ବିଜୟ ।

ଶାନ୍ତି, ମୈତ୍ରୀ, ପ୍ରେମ,ଏକତା
ଶିଖାଏ ଦୀପାବଳି
ଅନ୍ୟର ଜୀବନେ ଖୁସିର
ଆଲୋକ ଦେବା ଜାଳି ।

+ବୀରମହାରାଜପୁର,
ସୁବର୍ଣ୍ଣପୁର

ଭଦ୍ରକର ମା' ଭଦ୍ରକାଳୀ



ସୁଷମା ପରିଜା

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ହେଉଛନ୍ତି ରୁଦ୍ର ଙ୍କର ସହଚରୀ। ବାୟୁ ପୁରାଣ ଓ ମହାଭାରତ ଅନୁସାରେ ଅଶ୍ୱମେଧ ଯଜ୍ଞ ସ୍ଥଳୀରେ ଦକ୍ଷ ଶିବଙ୍କୁ ଅପମାନିତ କରିଥିବା ସମୟରେ ଦେବୀ ସତୀଙ୍କ କ୍ରୋଧରୁ ଭଦ୍ରକାଳୀ ଜାତ ହୋଇଥିଲେ।

ଆଜିର ଭଦ୍ରକ ଜିଲ୍ଲାଟି ମା' ଭଦ୍ରକାଳୀଙ୍କ ନାମାନୁସାରେ ରଖାଯାଇଛି ବୋଲି ଜନଶ୍ରୁତି ରହିଛି। ମା' ଭଦ୍ରକାଳୀଙ୍କର ଭବ୍ୟ ମନ୍ଦିରଟି ଭଦ୍ରକର ସଦର ମହକୁମାଠାରୁ ଦକ୍ଷିଣ ଦିଗରେ ମାତ୍ର ପାଞ୍ଚ କିଲୋମିଟର ଦୂରରେ ଆହାରପଦା ଗ୍ରାମରେ ଅବସ୍ଥିତ। ଅତୀବ ପ୍ରାଚୀନ ଏହି ମନ୍ଦିରଟି ଦେବୀ ସତୀଙ୍କ ଏକାବନ ଶକ୍ତିପୀଠ ମଧ୍ୟରେ ଅନ୍ୟତମ। କଥିତ ଅଛି ଯେ ଏଠାରେ ଦେବୀ ସତୀଙ୍କ ମୃତ ଶରୀରର ପାଦରୁ ପାଉଁଜିଟି ଖସି ପଡିଥିଲା। ଛୋଟ ହେଲେ ମଧ ମନ୍ଦିରର ଗଠନ ଖୁବ୍ ଚମତ୍କାର। ଶିଳ୍ପୀ ମାନଙ୍କ ମତରେ ଏହା ପୁରାତନ ହୟଶାଳ ଶୈଳୀରେ ନିର୍ମିତ। ଦେବୀଙ୍କର ମୂର୍ତ୍ତିଟି କଳା ଗ୍ରାନାଇଟ୍ ପଥରରେ ନିର୍ମିତ। ଏଠାରେ ଦେବୀ ଏକ ବିକଶିତ କମଳ ଉପରେ ଆସୀନା , ଦେବୀଙ୍କର ବାହନ ସିଂହ। ତେଣୁ ଏହା ଦେବୀ ଦୁର୍ଗାଙ୍କ ଅନ୍ୟ ଏକ ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ଲୋକ ଶ୍ରୁତି ଅନୁସାରେ ମା' ଭଦ୍ରକାଳୀ ମୟୂରଭଞ୍ଜର ମେଘାସନ ପର୍ବତର ଏକ ଗୁମ୍ଫା ମଧ୍ୟରେ ତାପସ ନାମରେ ଜଣେ ସାଧୁଙ୍କ ଦ୍ୱାରା ପୂଜା ପାଉଥିଲେ। ସାଧୁଙ୍କର ମୃତ୍ୟୁ ପରେ ଭଦ୍ରନାଥ ନାମକ ତାଙ୍କର ଜଣେ ଶିଷ୍ୟ ସେହି ଦେବୀଙ୍କ ମୂର୍ତ୍ତିଟି ସେଠାରୁ ନେଇ ଆସି ଭଦ୍ରକର ଭୂୟାଁ ମହଲା ଗ୍ରାମରେ ରଖି ପୂଜା କରୁଥିଲେ। ଯବନ କଳାପାହାଡ଼ ମୂର୍ତ୍ତି ଟିକୁ ଭାଙ୍ଗି ଦେବେ ସେହି ଭୟରେ ସେଠାରୁ ଦିକ୍ଷୀତ ବ୍ରାହ୍ମଣ ମାନେ ମାଆଙ୍କ ମୂର୍ତ୍ତିକୁ ଆଣି ଆହାରପଦା ଗ୍ରାମରେ ଲୁଚାଇଥିଲେ। ସେହି ଦିନ ଠାରୁ ମା' ସେଠାରେ ପୂଜା ପାଇ ଆସୁଛନ୍ତି।



ସକାଳ ଛଅଟାରୁ ମାଆଙ୍କର ମନ୍ଦିର ଫିଟା ହୋଇ ମଙ୍ଗଳ ଆଳତି ସହ ବାଳଭୋଗ ହୋଇଥାଏ। ମଧ୍ୟାହ୍ନରେ ଅନ୍ନପ୍ରସାଦ ଲାଗି ହେଲା ପରେ ଦିନ ଗୋଟାଏ ବେଳକୁ ପହଡ଼ ପଡେ। ପୁଣି ଦିନ ତିନିଟା ବେଳକୁ ପହଡ଼ ଖୋଲାଯାଇ ସନ୍ଧ୍ୟା ଆଳତି ଏବଂ ପୂଜା ପରେ ରାତ୍ରି ସାଢ଼େ ନଅଟା ବେଳକୁ ପହଡ଼ ପଡେ। ନିତ୍ୟ ନୈମିତ୍ତିକ ପୂଜାକୁ ବାଦ ଦେଲେ ଦଶହରା ଏବଂ ଦୀପାବଳୀ ମାଆଙ୍କର ମୁଖ୍ୟ ପର୍ବ ଏହି ସମୟରେ ସେଠାରେ ବହୁ ଆଡ଼ମ୍ବର ରେ ମାଆଙ୍କର ପୂଜାର୍ଚ୍ଚନା କରାଯାଏ ଏବଂ ମେଳା ମହୋତ୍ସବ ହୋଇଥାଏ। ସେହି ସମୟରେରେ ମା' ସପ୍ତମାତୃକା ବେଶରେ ଦର୍ଶନ ଦେଇଥାନ୍ତି। ସପ୍ତମାତୃକା ବେଶର ଆରମ୍ଭରୁ ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକଧାରୀମାନେ ଘଟ ଆଣି ମଣ୍ଡପରେ ସ୍ଥାପନ କରି ପଞ୍ଚଦେବତାଙ୍କ ପୂଜା କରନ୍ତି। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ମଙ୍ଗଳ ଆଳତି ଆଦି କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ କରାଯାଏ।

୧.ବେଦ ମାତା ବେଶ: ମା ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ପ୍ରଥମ ଦିନ ଦୀପାବଳି ଅମାବାସ୍ୟା ତିଥିରେ ମା ହାତରେ ବେଦ ଓ ରୁଦ୍ରାକ୍ଷ ମାଳା ଧାରଣ କରି ବେଦମାତା ରୂପରେ ଦର୍ଶନ ଦିଅନ୍ତି। ଏହା ହେଉଛି ପ୍ରଜ୍ଞା ର ବେଶ।ଏହି ବେଶରେ ଦର୍ଶନ କଲେ ଭକ୍ତର ଜ୍ଞାନ ଓ ବୁଦ୍ଧି ଉଦୟ ହୁଏ। ଏହି ବେଶରେ ଦର୍ଶନ କଲେ ପରିବାରର ମଙ୍ଗଳ ହେବା ସହ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ବେଶରେ ମା' ଭଦ୍ରକାଳୀ ପଦ୍ମ ଆସନରେ ବିରାଜମାନ କରିଥାନ୍ତି। ତାଙ୍କର ବାହନ ହଂସ। ମାଆଙ୍କର ମୁଖମଣ୍ଡଳ ହଳଦିଆ ହେବା ସହ ସେ ହଳଦିଆ ରଙ୍ଗର ପାଟବସ୍ତ୍ର ପରିଧାନ କରିଥାନ୍ତି। ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତା ହୋଇ ଦକ୍ଷିଣ ହସ୍ତରେ ଜପାମାଳୀ ଓ ବାମ ହସ୍ତରେ ଶଙ୍ଖ ଧାରଣ କରନ୍ତି। ସେ ଚତୁର୍ଦ୍ଧା ମୂର୍ତ୍ତିରେ ଦର୍ଶନ ଦିଅନ୍ତି। ଅଜ୍ଞାନ ରୂପକ ଅନ୍ଧକାରର ବିନାଶ କରି ସଂସାରକୁ ଜ୍ଞାନାଲୋକରେ ଆଲୋକିତ କରିବା ପାଇଁ ବେଦମାତା ସେ ରୂପରେ ମା ଭଦ୍ରକାଳୀ ଦର୍ଶନ ଦିଅନ୍ତି।ଦୀକ୍ଷିତ ବଂଶର ପୂଜକ ମାନେ ମା ଭଦ୍ରକାଳୀ ଙ୍କର ପୂଜା କାର୍ଯ୍ୟ କରନ୍ତି।

୨.ମହାକାଳୀ ବେଶ: ନବଦିନାତ୍ମକ ଓ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିନର ବେଶ ହେଉଛି ମହାକାଳୀ ବେଶ। ଏହି ବେଶରେ ମା ନୀଳ ରଙ୍ଗର ପାଟବସ୍ତ୍ର ପରିଧାନ କରିଥାନ୍ତି।ମୁକ୍ତକେଶ,ରକ୍ତଜିହ୍ୱା, ହସ୍ତରେ ଖଡ୍ଗ, ତ୍ରିଶୂଳ ଧାରଣ, ମୁଣ୍ଡବାଳରେ ଉଗ୍ରରୂପା ମା'ଙ୍କର ମୁଖମଣ୍ଡଳ ଶ୍ୟାମଳ ବର୍ଣ୍ଣ ହୋଇଥାଏ।ପରମ ବୈଷ୍ଣବୀ,ଜଗତ କଲ୍ୟାଣ ପାଇଁ ବାଳକୃଷ୍ଣ ବିଗ୍ରହଙ୍କୁ ଧାରଣ କରି ସ୍ନେହମୟୀ,କଲ୍ୟାଣମୟୀ ଜନନୀ ସତ୍ୟ ଧର୍ମର ବାର୍ତ୍ତା ଦିଅନ୍ତି।

ଭଦ୍ରକାଳୀଙ୍କ ନାମାନୁସାରେ ଭଦ୍ରକର ନାମକରଣ ହୋଇଛି। ଦ୍ୱିତୀୟ ଦିନରେ ମହାକାଳୀ ବେଶ ଦର୍ଶନ କଲେ ରୋଗ ଯନ୍ତ୍ରଣାରୁ ମୁକ୍ତି ମିଳେ।

ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ।
ଦୁର୍ଗା କ୍ଷମା ଶିବାଧାତ୍ରୀ ସ୍ୱାହା ସ୍ୱଧା ନମସ୍ତୁତେ।

୩.ରାଜରାଜେଶ୍ୱରୀ ବେଶ: ମହାଯଜ୍ଞର ତୃତୀୟ ଦିନରେ ମା ରାଜରାଜେଶ୍ୱରୀ ବେଶରେ ସୁସଜ୍ଜିତ ହୋଇ ସିଂହ ଓ ହସ୍ତୀ ବାହନରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୁଅନ୍ତି। ଗୋଲାପୀ ପାଟବସ୍ତ୍ର ପରିଧାନ କରି ଶଙ୍ଖ ଚକ୍ର ଗଦା ପଦ୍ମ ସହିତ ଚତୁର୍ଦ୍ଧାମୂର୍ତ୍ତିରେ ଦର୍ଶନ ଦିଅନ୍ତି।

ମା ଭଦ୍ରକାଳୀଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ କଲେ ଶୁଭ ଫଳ ପ୍ରାପ୍ତି ସହିତ ଉତ୍ତରୋତ୍ତର ଉନ୍ନତି ଓ ପଦମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହେ।

୪. ସିଂହ ବାହିନୀ ବେଶ : ମା ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଚତୁର୍ଥ ଦିନରେ ମା'ଙ୍କର ସିଂହ ବାହିନୀ ବେଶରେ ପୂଜା ହୁଏ।ମା ନାଲି ପାଟ ପିନ୍ଧି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତା ହୋଇଥାନ୍ତି। ଚାରି ହସ୍ତରେ ଖଡ୍ଗ, ତ୍ରିଶୂଳ, ଶଙ୍ଖ,ଚକ୍ର ଧାରଣ କରିଥାନ୍ତି। ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟିତ ହୋଇ ମା ରକ୍ତବର୍ଣ୍ଣା ଦିଶନ୍ତି ଓ ସେ ଏହି ରୂପରେ ଦର୍ଶନ ଦେଇ ଭକ୍ତ ମାନଙ୍କର ଗ୍ରହଦଶା ଓ ରିଷ୍ଟଖଣ୍ଡନ କରନ୍ତି। ସେ ଏହି ରୂପରେ ମହିଷାସୁରର ବଧ କରିଥିଲେ।

ଏହି ପୀଠକୁ ଦୁର୍ଗା ମାଧବ ପୀଠ ମଧ କୁହାଯାଏ। ସ୍ୱାଧୀନ ଉତ୍କଳର ଶେଷ ରାଜା ମୁକୁନ୍ଦଦେବ ଗୋହିରାଟିକିରୀ ଯୁଦ୍ଧକୁ ଆସିବା ସମୟରେ ସାଙ୍ଗରେ ଆଣିଥିବା ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ଅଦ୍ୟାବଧି ଭଦ୍ରକାଳୀଙ୍କ ପୀଠରେ ଅନ୍ୟ ଏକ ମନ୍ଦିରରେ ହେଉଛି।

୫.ଜଗଦ୍ଧାତ୍ରୀ ବେଶ: ମା ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ପଞ୍ଚମ ଦିନରେ ମା ଙ୍କର ଜଗଦ୍ଧାତ୍ରୀ ବେଶ ଅନୁଷ୍ଠିତ ହୁଏ। ଏହି ବେଶରେ ମା ଭଦ୍ରକାଳୀ ବ୍ୟାଘ୍ର ବାହନରେ ଦର୍ଶନ ଦିଅନ୍ତି। ତାଙ୍କ ମୁଖମଣ୍ଡଳ କୃଷ୍ଣ ବର୍ଣ୍ଣ ହୋଇଥିବା ବେଳେ ସେ ନାଲି ରଙ୍ଗର ପାଟବସ୍ତ୍ର ପରିଧାନ କରିଥାନ୍ତି।ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତା ହୋଇ ମା ହସ୍ତରେ ଶଙ୍ଖ, ଚକ୍ର ,ଗଦା, ଖଡ୍ଗ ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟିତ ହୋଇଥାନ୍ତି। ଆଦ୍ୟାଶକ୍ତି ମା ଭଦ୍ରକାଳୀ ହେଉଛନ୍ତି ସୃଷ୍ଟିର ସମସ୍ତ ଶକ୍ତିର ଅଧିକାରିଣୀ।ସେ ସମସ୍ତ ଜଗତର ପ୍ରାଣୀ, ଉଦ୍ଭିଦ,ଜଳ,ସ୍ଥଳ ସର୍ବତ୍ର ବିଦ୍ୟମାନ।ସେ ହେଉଛନ୍ତି ଶକ୍ତି ସ୍ୱରୁପିଣୀ ଆଦ୍ୟାଶକ୍ତି। ମା'ଙ୍କ ଦର୍ଶନ କରି ଭକ୍ତ ମାନେ ମାନସିକ ପୂରଣ କରନ୍ତି। ଜୟ ମା ଭଦ୍ରକାଳୀ।

୬.ମହାସରସ୍ୱତୀ ବେଶ: ଷଷ୍ଠ ଦିନର ସପ୍ତମାତୃକା ବେଶରେ ମହାସରସ୍ୱତୀ ବେଶରେ ମା' ଭଦ୍ରକାଳୀ ଦର୍ଶନ ଦିଅନ୍ତି। ମା'ଙ୍କର ବାହନ ହଂସ ହୋଇଥିବା ବେଳେ ମା'ଙ୍କ ମୁଖମଣ୍ଡଳ ଶ୍ୱେତ ବର୍ଣ୍ଣ ହୋଇଥାଏ। ଶ୍ୱେତ ବସ୍ତ୍ର ପରିଧାନ କରି ମା ପଦ୍ମାସନରେ ବିରାଜମାନ କରନ୍ତି। ମା ଏହି ବେଶରେ ହସ୍ତ ଦ୍ୱୟରେ ବୀଣା, ତୃତୀୟ ହସ୍ତରେ ଜପାମାଳୀ ଓ ଚତୁର୍ଥ ହସ୍ତରେ ପୁସ୍ତକ ଧାରଣ କରିଥାନ୍ତି।

ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ମା' ଚତୁର୍ଦ୍ଧାମୂର୍ତ୍ତି ଧାରଣ କରିଥାନ୍ତି। ସଂସାରରୁ ଅଜ୍ଞାନ ରୂପକ ଅନ୍ଧକାରର ବିନାଶ କରି ଜ୍ଞାନାଲୋକର ବିକାଶ ନିମନ୍ତେ ମା ଭଦ୍ରକାଳୀ ମହାସରସ୍ୱତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ବେଶରେ ଦର୍ଶନ କଲେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।

୭. ମହାଲକ୍ଷ୍ମୀ ବେଶ: ମା ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ସପ୍ତମ ବେଶ ହେଉଛି ମହାଲକ୍ଷ୍ମୀ ବେଶ। ଏହି ବେଶରେ ମା ଭଦ୍ରକାଳୀ ହଳଦିଆ ବସ୍ତ୍ର ପରିଧାନ କରିଥାନ୍ତି। ପଦ୍ମାସନରେ ମା ଭଦ୍ରକାଳୀ ବିରାଜମାନ କରିଥାନ୍ତି। ମା'ଙ୍କ ମୁଖମଣ୍ଡଳ ହଳଦିଆ ବର୍ଣ୍ଣ ହୋଇଥାଏ। ହସ୍ତୀ ଓ ପେଚା ତାଙ୍କର ବାହନ ହୋଇଥାନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତା ହୋଇ ମା ଚତୁର୍ଦ୍ଧାମୂର୍ତ୍ତି ଧାରଣ କରିଥାନ୍ତି। ତାଙ୍କର ଚାରି ହସ୍ତରେ ଶଙ୍ଖ, ଚକ୍ର, ଗଦା ,ପଦ୍ମ ଶୋଭା ପାଉଥାଏ। ମହାଲକ୍ଷ୍ମୀ ବେଶରେ ମା ଭଦ୍ରକାଳୀଙ୍କ ଦର୍ଶନ କଲେ ଧନ,ଜନ, ସୁଖସମୃଦ୍ଧି ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଜୟ ମା' ଭଦ୍ରକାଳୀ

+ଶାରଳା ଭବନ ପୋତା ପୋଖରୀ ,
କଟକ-୭୫୩୦୦୪
ମୋ- ୯୩୩୭୨୭୨୬୪୭

ମା'କାଳୀ-କରାଳବଦନା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ। ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା। ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ। ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା। ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ। ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତା ସିପାଶୀନି''। ଏଇ କାଳୀ କିଏ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ। ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା। ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ। ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ। କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା। ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି। କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ। ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି। କ'ଣ ଗୁଣିତ ହୁଏ। ମା'ଙ୍କର ସତ୍ତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତ୍ତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ। ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ। ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ। ଏହି ଶକ୍ତି ହେଲା ଜୀବନୀ ଶକ୍ତି। ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡ଼େ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ। ଶକ୍ତି ପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ମଧ ବ୍ୟବହାର କରନ୍ତି। ପୂର୍ବକାଳରେ ଦସ୍ୟୁ ଓ ଡକାୟତ ମାନେ କାଳୀପୂଜା କରି ଡକାୟତି କର୍ମରେ ଅଗ୍ରସର ହେଉଥିଲେ। ବର୍ତ୍ତମାନ ମା'କାଳୀଙ୍କୁ ସମ୍ମୁଖରେ ରଖି ସମାଜର ଆମପରି କିଛି ଯୁବକ ନାଚ, ମଦ୍ୟପାନ ଓ ଅର୍କେଷ୍ଟ୍ରାରେ ବ୍ୟସ୍ତ ରହୁଛନ୍ତି - ତାହା କିନ୍ତୁ ଶକ୍ତିପୂଜାର ମହିମା ନୁହେଁ। ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ବହିଃ ପ୍ରକାଶ ମାତ୍ର। ତେଣୁ ଶକ୍ତି ବୃଦ୍ଧି ନହୋଇ ଶକ୍ତିହୀନ ହେଉଛୁ ଆମ୍ଭେମାନେ। ଅସତ୍ ବିରୁଦ୍ଧରେ ଯୁଦ୍ଧ କରିବାର ଶକ୍ତି ଆଜି ଆମ୍ଭମାନଙ୍କର ନାହିଁ। ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ଆମ୍ଭେମାନେ ସଚେତନ ହୋଇଉଠି ପାରୁନାହୁଁ। ମା'ଭଉଣୀଙ୍କୁ ସମ୍ମାନ ଦେଉନାହୁଁ, ଅନ୍ୟର କ୍ଷତି କରିବା ଏପରିକି ଜୀବନନାଶ କରିବା ପାଇଁ ମଧ ଆମେ ପଛାଉନାହୁଁ। ଏହାକି ଶକ୍ତି ପୂଜାର ଫଳ? ଯିଏ ବିଶ୍ୱ ପ୍ରସବିନୀ କଲ୍ୟାଣମୟୀ ମା', ତାଙ୍କର ପୂଜା କରି ଚରିତ୍ରରେ ଅଧଃପତନ ହେବା ତାଙ୍କର ପୂଜା ନୁହେଁ। ପୂଜା ମଣ୍ଡପରେ ମାଇକ୍‌ରେ ବିଭିନ୍ନ କୁରୁଚିପୂର୍ଣ୍ଣ ଯୌନଉଦ୍ଦୀପକ ସଙ୍ଗୀତ ବଜାଇ ସମସ୍ତେ ମସ୍‌ଗୁଲ ରହନ୍ତି। ଥରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରମ ବାହାରେ ଦେଓଘରରେ କାଳୀ ପୂଜା ସମୟରେ ମାଇକ୍‌ରେ ଏହି ଧରଣର ସଙ୍ଗୀତ ଶୁଣାଯାଉଥିଲା। ଜନୈକ ବ୍ୟକ୍ତି ଖୁସିମନରେ କହିଲେ ପୂଜା ସ୍ଥାନରେ ଖୁବ୍ ମାଇକ ବାଜୁଛି। ଶ୍ରୀ ଶ୍ରୀ ଠାକୁର ଶୁଣି ଗମ୍ଭୀର ଭାବରେ କହିଲେ - ପୂଜା ମଣ୍ଡପରେ ଭାବଭକ୍ତିର ସହାୟକ ସଙ୍ଗୀତ ପରିବେଷଣ ହୋଇପାରେ, କିନ୍ତୁ ଏହି ଭକ୍ତି ଭାବ ବିରୁଦ୍ଧରେ ବା କୌଣସି ପ୍ରକାର ଅସତ୍ ଉତ୍ତେଜନା ସୃଷ୍ଟିକାରୀ ସଙ୍ଗୀତ ଦେବତା ସାନ୍ନିଧ୍ୟରେ ବାଜିବା ଉଚିତ ନୁହେଁ। ଏହାକଲେ ପୂଜାର ପବିତ୍ର ଭାବ ନଷ୍ଟ ହୁଏ। ଦେବତାଙ୍କ ଉପରେ ଶ୍ରଦ୍ଧାର ଉଦ୍ରେକ ହୁଏନାହିଁ ଏବଂ ଶ୍ରଦ୍ଧାର ଉଦ୍ଭବ ନହେଲେ ସମ୍ବର୍ଦ୍ଧନା ମଧ ଆସେ ନାହିଁ।

ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି। ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା। ଏହା ହେଉଛି ମା'କାଳୀଙ୍କର ଏକ ରୂପ। ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ। ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ। ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା। ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା। ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ। ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା। ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି। ଥରେ ଛାତ୍ରାବସ୍ଥାରେ ଶ୍ରୀ ଶ୍ରୀ ଠାକୁର ଜଣେ ସାଙ୍ଗ ସହିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରକୁ ଯାଇଥିଲେ। ସେତେବେଳେ ଦ୍ୱିପ୍ରହର ପୂଜା ସରିଛି ମାତ୍ର। ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାହେଉଛି। ବାଳକ ଅନୁକୂଳଚନ୍ଦ୍ରଙ୍କୁ ପ୍ରସାଦ ଦେବା ପୂର୍ବରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା ଓ ପ୍ରସାଦ ବିତରଣ ମଧ ବନ୍ଦ ହେଲା। କିନ୍ତୁ ବାଳକ ଅନୁକୂଳ ସେତେବେଳେ କ୍ଷୁଧାର୍ତ୍ତ, ପ୍ରସାଦ ନପାଇ କ୍ଷୁଧାର୍ତ୍ତ ଅବସ୍ଥାରେ ଅଭିମାନରେ ମନ୍ଦିର ବାରଣ୍ଡାର ଏକ ଗଛଛାଇରେ ଶୋଇ ପଡ଼ିଲେ। ନିଦ୍ରାବସ୍ଥାରେ ବାଳକ ଅନୁକୂଳଚନ୍ଦ୍ର ସ୍ୱପ୍ନ ଦେଖିଲେ - ମା'ଶ୍ୟାମା, ମୁକ୍ତକେଶୀ, ସୀମନ୍ତରେ



ସିନ୍ଦୂର, ଲାଲପାହାଡ ଶାଢ଼ୀ ପିନ୍ଧି ଆସିଛନ୍ତି। ଗୋଟିଏ ହାତରେ ଏକ ଗ୍ଲାସପାଣି, ଆଉ ଗୋଟିଏ ହାତରେ ବରଫି ସନ୍ଦେଶ ମିଷ୍ଟି। ଏଇ ରୂପ ବର୍ଣ୍ଣନା କରୁ କରୁ ଶ୍ରୀ ଶ୍ରୀ ଠାକୁର ବହୁବାର କହିଛନ୍ତି - ଦେଖିବାକୁ ଠିକ୍ ମୋ ମା'ପରି। ମା ଆସ୍ତେ ଆସ୍ତେ ଆସି ବାଳକ ଅନୁକୂଳର ମୁଣ୍ଡକୁ ଉଠାଇ ନେଇ କୋଳରେ ରଖି ମୁଖ ପାଖରେ ସନ୍ଦେଶ ଧରି ଆଦରରେ କହିଲେ - ଖା। ବାଳକ ଅନୁକୂଳ ଅଭିମାନ ଭରେ କହିଲେ - ନା, ମୁଁ ଖାଇବି ନାହିଁ। ମୋତେ ସେତେବେଳେ ଭୋକ ଲାଗୁଥିଲା, କିନ୍ତୁ ପ୍ରସାଦ ଦିଆ ହେଲାନାହିଁ କାହିଁକି? ମୁଁ ବର୍ତ୍ତମାନ ଖାଇବି ନାହିଁ। ସେତେବେଳେ ମା'ସସ୍ନେହେ ହସି ହସି କହିଲେ - ଏତେ ପିଲାମାନଙ୍କ ସାମ୍ନାରେ ମୁଁ କି ତୁମ ପାଖକୁ ଆସିପାରିବି? ଏହାପରେ ମା'ବସି ପରମ ଆଦରରେ ମୋତେ ସନ୍ଦେଶ ଓ ପାଣି ପିଆଇଲେ। ନିଦରୁ ଭାଙ୍ଗି ବାଳକ ଅନୁକୂଳ ବୋଧ କଲେ ତାଙ୍କ କ୍ଷୁଧା ବା ତୃଷା କିଛି ନାହିଁ। ଦକ୍ଷିଣେଶ୍ୱରରୁ ଚାଲି ଚାଲି କଲିକତା ପହଞ୍ଚିଲେ ମଧ ତାଙ୍କୁ ଭୋକ ବା ଶୋଷ କିଛି ଲାଗି ନଥିଲା। ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ। ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତ୍ତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା'।

+ପ୍ରତିରକ୍ଷିକ ଓ ଅବସର ପ୍ରାପ୍ତ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

ଦୀପାବଳି ଝୋଟି ଓ ଘରସଜା



ଅପର୍ଣ୍ଣା ନାୟକ

ଦୀପାବଳିରେ ରଙ୍ଗୋଲୀ, ଫୁଲ-ପତ୍ର ନିର୍ମିତ ତୋରଣ ସହ ଦୀପ ଜାଳି ଘର ସଜାନ୍ତୁ। ପାରମ୍ପରିକ ମାଟି ଦୀପ ବ୍ୟବହାର ସବୁଠାରୁ ଭଲ। ଏହା ପରିବେଶ ଅନୁକୂଳ। ଝୁଲନ୍ତା କିମ୍ବା ଷ୍ଟାଣ୍ଡ ଦୀପ ଲଗାଇ ଘରକୁ ଆଲୋକିତ କରନ୍ତୁ। ବିଭିନ୍ନ ରଙ୍ଗ ଓ ଆକୃତିର ଆକର୍ଷଣୀୟ ଟେରାକୋଟା ଦୀପ ବ୍ୟବହାର କରିପାରିବେ। ଦେବାଦେବୀଙ୍କ ଛବି ଥିବା ବଡ଼ ଦୀପ ଘରର କୋଣ, ପ୍ରବେଶ ଦ୍ୱାର, ଠାକୁର ଘରେ ଜଳାନ୍ତୁ। ଚିନାମାଟି ତିଆରି ଦୀପ ଆଣିପାରନ୍ତି। ଅଗଣାରେ ମୁରୁଜ ପକାଇ ବିଭିନ୍ନ ରଙ୍ଗ ଓ ଆକୃତିର ସୁବାସିତ ମହମବତି ଜଳାନ୍ତୁ। ବଡ଼ପାଣି ପାତ୍ରରେ କିଛି ଗୋଲାପ ପାଖୁଡ଼ା ପକାଇ, କପ୍ ଆକୃତିର ରଙ୍ଗିନ ମହମବତୀ ଜଳାନ୍ତୁ। ଅଗଣା, ବୈଠକ ଘର ଚଟାଣରେ ରଖନ୍ତୁ ସୌନ୍ଦର୍ଯ୍ୟ ବଢ଼ିବ। କାଗଜ ତିଆରି ଛୋଟ ଛୋଟ କପ୍‌ରେ ମହମବତି ଜଳାଇ ଘରକୁ ଆଲୋକିତ କରିପାରନ୍ତି। ଉତ୍ତାପ ପ୍ରତିରୋଧୀ କାଚ ପାତ୍ରରେ ଜଳି ପାରୁଥିବା ମହମବତି ମଧ ବ୍ୟବହାର କରିପାରିବେ। ଦୀପାବଳିଟି ପ୍ରାୟତଃ କାର୍ତ୍ତିକ ମାସରେ ପଡୁଥିବାରୁ ଏହି ଦିନରେ ଘରର ଅଗଣା, ଠାକୁରଘର ଓ ଚଉରାମୂଳରେ ଅପୂର୍ବ ମୁରୁଜ ଦ୍ୱାରା ରଙ୍ଗାୟିତ କରାଯାଇଥାଏ।



ଆମ ସାମାଜିକ ସାଂସ୍କୃତିକ ପରମ୍ପରାର ଚଉଷଠି କଳା ମଧ୍ୟରେ ଝୋଟି ଅନ୍ୟତମ। ଏହାକୁ ରଂଗୋଲୀ, ଅଳ୍ପନା ମଧ କୁହାଯାଏ। ପ୍ରାଚୀନ କାଳରେ ଝୋଟି କଳାକାରଙ୍କୁ ସମାଜରେ ବିଶେଷ ସମ୍ମାନ ମିଳୁଥିଲା। ଏହାର ପ୍ରଚଳନ ବାବଦରେ ପ୍ରାଚୀନ ଗ୍ରନ୍ଥ ଚିତ୍ରଲକ୍ଷ୍ୟମରେ ଏକ ରୋଚକ ଉଲ୍ଲେଖ ମିଳେ। ଜ୍ଞାନମୂର୍ତ୍ତି ନାମକ ପଣ୍ଡିତ ଥିଲେ। ହଠାତ୍ ତାଙ୍କର ଏକ ମାତ୍ର ପୁତ୍ରର ଅକାଳ ମୃତ୍ୟୁ ଘଟିଲା। ଜ୍ଞାନମୂର୍ତ୍ତି ଏତେ ଲୋକପ୍ରିୟ ଥିଲେ ଯେ ତାଙ୍କ ଶୋକ ଦେଖି ସାରା ରାଜ୍ୟର ପ୍ରଜାଙ୍କ ସହ ରାଜା ମଧ ଶୋକମଗ୍ନ ହୋଇଗଲେ। ଜ୍ଞାନମୂର୍ତ୍ତିଙ୍କ ପୁତ୍ରର ଜୀବନ ଫେରାଇବା ପାଇଁ ସମସ୍ତେ ବ୍ରହ୍ମାଙ୍କୁ ଆକୁଳ ପ୍ରାର୍ଥନା କଲେ। ରଙ୍ଗ ଦ୍ୱାରା ପୁତ୍ରରଚିତ୍ର ଭୂମିରେ ବନାଇବା ଲାଗି ବ୍ରହ୍ମା, ଜ୍ଞାନମୂର୍ତ୍ତିଙ୍କୁ ନିର୍ଦ୍ଦେଶ ଦେଲେ। ଚିତ୍ର ସଂପୂର୍ଣ୍ଣ ହୁଅନ୍ତେ, ବ୍ରହ୍ମା ପ୍ରାଣ ଫୁଙ୍କି ଚିତ୍ରକୁ ଜୀବନ ଦେଲେ। ଏଭଳି ସୃଷ୍ଟି ହୋଇଥିଲା ଝୋଟି। ପରବର୍ତ୍ତୀ କାଳରେ ଏହା ବ୍ୟକ୍ତି ଚିତ୍ରଣ ବିରହିତ ହୋଇ ଅଳ୍ପନା ରୂପ ନେଇଥିଲା ଏବଂ ଧାର୍ମିକ ମାଙ୍ଗଳିକ କାର୍ଯ୍ୟର ଅଂଶବିଶେଷ ପାଲଟିଥିଲା। ଶ୍ରୀକୃଷ୍ଣ ନିଜ ଦରବାରକୁ ରାଜାମାନଙ୍କୁ ସ୍ୱାଗତ କରିବା ପାଇଁ ଏହି କଳା ଉପଯୋଗ କରିଥିଲେ। ଯୁଧିଷ୍ଠିର ଦୀପାବଳିରେ ରାଜସୂୟ ଯଜ୍ଞ କରାଇଥିଲେ। ସେହି ଉପଲକ୍ଷେ ସାରା ନଗରୀକୁ ଝୋଟିରେ ସଜାଯାଇଥିଲା। ସେବେଠାରୁ ଦୀପାବଳିରେ ଝୋଟି ପକାଇବା ଗଡ଼ିଆସିଲାଣି। ଦୀପାବଳି ଆମ ଆଧାତ୍ମିକ ସଂସ୍କୃତି ଓ ଓଡ଼ିଆ ଚଳଣୀ ତଥା ରୀତିନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଏହି ଦିନରେ କେବଳ ଦୀପ ଜଳା ଯାଇନଥାଏ ବରଂ ରମଣୀୟ ଦୀପ ଶିଖା ଘର ପରିବାରକୁ ଆଶୀର୍ବାଦ ସ୍ୱରୂପ ପ୍ରତୀୟମାନ ହୋଇଥାଏ। ଘରେ ଯେଉଁ ଦୀପଟି ଲଗାଯାଇଥାଏ ତାହା ଆମ ମାନଙ୍କୁ ଏହି ଶିକ୍ଷା ଦେଇଥାଏ ଯେ ଏ ଦୁନିଆରେ ଭଗବାନ ହିଁ ସତ୍ୟ। ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ଦୈବୀ ଶକ୍ତି ଆମ ମାନଙ୍କ ଉପରେ ଘର ଉପରେ ଏକ ସକରାତ୍ମକ ଉର୍ଜ୍ଜା ସୃଷ୍ଟି କରିଥାଏ। ପବିତ୍ର ଦୀପାବଳି ପ୍ରତିଟି ଘରକୁ ଆନନ୍ଦମୟ କରୁ, ସମସ୍ତଙ୍କ ଜୀବନ ଦିବ୍ୟପୂର୍ଣ୍ଣ ଓ ସମାଜର କଲ୍ୟାଣ ପାଇଁ ବ୍ରତୀ ହେଉ ଏହା ହିଁ ଶୁଭ ଦୀପାବଳିର କାମନା।

ମେନ ସାଗର ପାନ ରୋଡ଼,
ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,
ନୂଆଦିଲ୍ଲୀ, ପିନ-୧୧୦୦୪୬

ଗୋଲକ ନାରାୟଣ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଇଡ଼ିଦାଠାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ୩ୟ ପର୍ଯ୍ୟାର ଉଦ୍ଘାଟନ ସମାରୋହ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୦୬/୧୧ (ନି.ପ୍ର): ଗୋଲକ ନାରାୟଣ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ଇଡ଼ିଦା ପରିସରରେ ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ (୩ୟ ପର୍ଯ୍ୟାୟ)ର ଉଦ୍ଘାଟନ ସମାରୋହ ଅତ୍ୟନ୍ତ ଉତ୍ସାହ ଏବଂ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତି ରଣାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତାର ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପ୍ରଦୀପ୍ କୁମାର ପଣ୍ଡା, ବସ୍ତା ବ୍ଲକ ଚେୟାରମେନ ଅଞ୍ଜଳି ଦାସ, ପୂର୍ବତନ ଚେୟାରମେନ ଲକ୍ଷ୍ମୀଧର ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ରାଣୀ ଦଣ୍ଡପାଟ, ଇଡିଦା ପଞ୍ଚାୟତର ସମିତି ସଭ୍ୟା ଶ୍ରୀମତୀ ବାସନ୍ତୀ ସାହୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବୀପ୍ରସାଦ ଭଞ୍ଜ, ସି.ଆର.ସି.ସି. ପୂର୍ଣଚନ୍ଦ୍ର ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିହିର କୁମାର ବାରିକ, ସମାଜସେବୀ ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ଆଲୁମିନି ସଦସ୍ୟ ଗଣେଶ ନାରାୟଣ ପ୍ରହରାଜ, ରତିନ୍ଦ୍ର ପରିଡ଼ା ବିଶିଷ୍ଟ ଶିକ୍ଷାବିତ୍ ବିଦ୍ୟାଧର ପରିଡ଼ା, ଏସ ଏମ ସି ସଭାପତି ସଞ୍ଜୀବ କୁମାର ଦାସ ଏବଂ ସମସ୍ତ ସଦସ୍ୟ, ଓଷ୍ଟାର ବାଲେଶ୍ୱର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ପର୍ଶୁରାମ ଦେ ପ୍ରମୁଖ ଯୋଗଦେଇଥିଲେ ଓକାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଜୟକୃଷ୍ଣ ନାୟକ ଅଭିଭାଷଣ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ ଓ ଏହାପରେ ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ ବେଦପାଠ ଗାନ କରି କାର୍ଯ୍ୟକ୍ରମକୁ ପବିତ୍ର କରିଥିଲେ ଓ ଉଦ୍ଘାଟନୀ ଦିବସକୁ ଆହୁରି ଆକର୍ଷିତ କରିବା ପାଇଁ ବିଦ୍ୟାଳୟର ଛାତ୍ର,ଛାତ୍ରୀ ମାନଙ୍କ ଦ୍ୱାରା ଏକାଧିକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହାକି ଉପସ୍ଥିତ ସମସ୍ତ ଅତିଥି ଓ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୂରଆଭାଷୀ ପ୍ରତିଫଳକ ଜରିଆରେ ଉଦ୍ଘାଟନ ହେବା ପରେ, ସ୍ଥାନୀୟ ନେତୃମଣ୍ଡଳୀଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଶିଳାଫଳକ ଉଦ୍ଘାଟନ କରାଯାଇଥିଲା ଓଏହି ସମାରୋହକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ଅଜିତ ଦାସ, ଅରୁଣ କୁମାର ଜେନା, ପର୍ଶୁରାମ ରାଉତ, ଶିବଶଙ୍କର ମିଶ୍ର, ଅନୁରାଧା ବେହେରା, କନକଲତା ବେହେରା, କାଳିଚରଣ ସେନାପତି, ରଶ୍ମିରାଣୀ ବେଶ୍ରା, ବରିଷ୍ଠ ଶିକ୍ଷୟିତ୍ରୀ ଝରଣା ଦାସ, ତଥା ନିହାର ସିଂ ଓ ରାଜେଶ ପରିଡ଼ା ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ରମାକାନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପି.ଏମ୍ ଶ୍ରୀ ବନ୍ଧଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟର ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ



ଭଦ୍ରକ , ୦୬/୧୧ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ୩ୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭା ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ସମ୍ମାନୀତ ଅତିଥି ଭାବରେ ବନ୍ଧଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ନୀରୋଦ ଚନ୍ଦ୍ର ରାଉତ, ଆଲୁମିନି କମିଟି ସଭାପତି ଦାମୋଦର ମହାକୁଡ଼, ସମାଜସେବୀ ପ୍ରଭାକର ସାମଲ, ରାଣୀତାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ସି.ଆର.ସି.ସି ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ, ଦିପ୍ତିମୟୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନସ ଜେନା, ଚନ୍ଦ୍ର ଟୁଡୁ, ରଣଜିତ ବିଶ୍ୱାଳ, ଆଶୁତୋଷ ଜେନା, ସୋନାଲି ସୁଚରିତା ନାୟକ, ସଞ୍ଜୁବାଳା ସାମଲ, ମଞ୍ଜୁଲତା ନାୟକ, ବିଜୟ ମାହାଲୀ, କାର୍ତ୍ତିକ ଚନ୍ଦ୍ର ଦାସ, ପୂଜାରାଣୀ ବେହେରା, ପୁଲିନ ବିହାରୀ ସେନ, ଗଜେନ୍ଦ୍ର ସ୍ୱାଇଁ, ଦିପ୍ତିମୟୀ ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ । ଏଥିରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଶୋକ କୁମାର ମହାପାତ୍ର ବେଦ ପାଠ କରିଥିବା ବେଳେ ଦେବବ୍ରତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

୧୧ରେ ଏବିଭିପିର ରାଜ୍ୟସ୍ତରୀୟ ଛାତ୍ର ସଂସଦ ପଦାଧିକାରୀ ସମ୍ମିଳନୀ: ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଆସନ୍ତା ନଭେମ୍ବର ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ଏକ ବିଶାଳ ରାଜ୍ୟସ୍ତରୀୟ ଛାତ୍ର ସଂସଦ ପଦାଧିକାରୀ ସମ୍ମିଳନୀ ଆୟୋଜନ କରାଯିବ। ଏହି ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ୮ ହଜାରରୁ ଉର୍ଦ୍ଧ୍ୱ ନିର୍ବାଚିତ ଛାତ୍ର ସଂସଦ ପଦାଧିକାରୀ ତଥା ଛାତ୍ରନେତା ଏହି ସମ୍ମିଳନୀରେ ଯୋଗଦେବେ। ଏହା ରାଜ୍ୟର ଛାତ୍ରଶକ୍ତି, ଯୁବନେତୃତ୍ୱ ଓ ଛାତ୍ର ସମାଜର ସାମୂହିକ ଭାଗିଦାରୀର ଏକ ବିଶାଳ ମଂଚ ହେବ। ଏବିଭିପିର ରାଜ୍ୟ ସମ୍ପାଦକ ଦିବ୍ୟମଣି ପ୍ରତିହାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସମଗ୍ର ଓଡ଼ିଶାର ବିଭିନ୍ନ କ୍ୟାମ୍ପସରେ ଏବିଭିପିର ଉଲ୍ଲେଖନୀୟ ସଫଳତା ଏବଂ ଏକପାଖିଆ ବିଜୟ ଛାତ୍ରସମାଜ ମଧ୍ୟରେ ସଂଗଠନ ପ୍ରତି ବଢୁଥିବା ଆସ୍ଥା ଓ ସମର୍ଥନର ପ୍ରତିଫଳନ। ଏହି ବିଜୟକୁ ଆଧାର କରି ଛାତ୍ରନେତୃତ୍ୱକୁ ଅଧିକ ସଶକ୍ତ କରିବା, କ୍ୟାମ୍ପସର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱରକୁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଛାତ୍ରନେତାମାନେ ନିଜ ନିଜ କ୍ୟାମ୍ପସର ଅନୁଭୂତି, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ଛାତ୍ର ସମସ୍ୟା ଓ ଭବିଷ୍ୟତର ଛାତ୍ରନେତୃତ୍ୱ ସମ୍ପର୍କରେ ମତବିନିମୟ କରିବେ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୦୬/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ମତକୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତୃତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି। ଏହି ଉତ୍ସବରେ ସରପଞ୍ଚ ସନ୍ଧ୍ୟାରାଣୀ ବାରିକ୍, ଭଦ୍ରକ ସାଂସଦ ଙ୍କ ପ୍ରତିନିଧି ଉଦୟ ନାରାୟଣ ମଲ୍ଲିକ,ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତ୍ ପ୍ରଭା ସ୍ୱାଇଁ, ସି ଆର ସି ସି ଶିବ ପ୍ରସାଦ ବେହେରା, ବ୍ଲକ୍ ଉପାଧକ୍ଷଙ୍କ ପ୍ରତିନିଧି ଚିନ୍ମୟ ବାରିକ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ବିଜୟ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଭର୍ଚୁଆଲ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପାରା ପୋଖରୀ ସ୍କୁଲର ଶିକ୍ଷକ ଶରତ କୁମାର ମହନି ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ରୀ ମାନେ ସୁନ୍ଦର ଭାବେ ପ୍ରାରମ୍ଭିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।ଏହି ଉତ୍ସବରେ ସମାଜ ସେବୀ ମନୋଜ ରାଉତ, ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ବାରିକ୍, ଗଙ୍ଗାଧର ବେହେରା, ଚନ୍ଦନ କୁମାର ବେହେରା, ରଜନୀକାନ୍ତ ବେହେରା, ପୂର୍ବତନ ସରପଞ୍ଚ କମଳାକାନ୍ତ ବାରିକ୍, ଶିକ୍ଷକ ରାକେଶ କୁମାର ନାୟକ, ଶିକ୍ଷକ ମନୋଜ କୁମାର ବେହେରା, ଶିକ୍ଷୟତ୍ରୀ ମାନସୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ସେହିପରି ସରକାରୀ ୟୁ ଜି ହାଇସ୍କୁଲ୍ ଗ୍ରୋବିନ୍ଦପୁରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର୍ନ୍ଵାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ଏହି ଉତ୍ସବରେ ବରିଷ୍ଠ ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ଶିକ୍ଷାବିତ୍ ଗଦାଧର ଦାସ, ଭାଗବତ ମିଶ୍ର,ଚକ୍ରଧର ବନ୍ଧ, ସରପଞ୍ଚ ଜୟନ୍ତୀ ବେଜ, ସମିତି ସଭ୍ୟା ଅର୍ଚ୍ଚନା ନାୟକ, ସ୍କୁଲ୍ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପରିଡ଼ା, ସି ଆର ସି ସି ଗଙ୍ଗାଧର ବେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରଶ୍ମି ରେଖା ବିଶ୍ୱାଳ, ସନ୍ତୋଷ କୁମାର ପତି, ଚନ୍ଦ୍ର ଶେଖର ଦାସ, ଆଶିଷ କୁମାର ବେହେରା, ସତ୍ୟ ରଞ୍ଜନ ତ୍ରିପାଠୀ, ସରିତା ସେଠୀ, ରୁବିରାଣୀ ଜେନା, ପଦ୍ମାବତୀ ଖୁଣ୍ଟିଆ, ସୁନତି ପରିଡ଼ା, ଗୌରହରି ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସେହିପରି ରାସ ବିହାରୀ ଉଚ୍ଚ ବିଦ୍ୟାଳୟ ଗୁଆ ଗଡ଼ିଆରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ଜେନା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ଏହି ଉତ୍ସବରେ ସରପଞ୍ଚ ଉମାକାନ୍ତ ମଲିକ, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି, ଏ ବି ଇ ଓ ଉର୍ମିଳା କର, ସି ଆର ସି ସି ପ୍ରିୟବ୍ରତ ସା଼, ସ୍କୁଲ୍ ପରିଚାଳନା କମିଟି ସଭାପତି ଭାବଗ୍ରାହୀ ବାରିକ୍, ଆଲୁମୁନି ସଭାପତି ସୁଦର୍ଶନ ଅଗସ୍ତି, ଓ୍ୱାର୍ଡ ମେମ୍ବର ସଂଜୁଲତା ପାଣିଗ୍ରାହୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

ଶିକ୍ଷକଙ୍କ ବଦଳି ପ୍ରତିବାଦରେ ତେଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ମୁଖ୍ୟଫାଟକରେ ତାଲା: ଧାରଣାରେ ବସିଲେ ଅଭିଭାବକ

ନୀଳଗିରି , ୦୬/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନବିଭାଗ ଦ୍ୱାରା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ତେଣ୍ଡା ଠାରେ ଏକ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବେଣୁଧର ମହାରଣାଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଏହାକୁ ବିରୋଧକରି ବିଦ୍ୟାଳୟର ମୁଖ୍ୟଫାଟକରେ ତାଲାପକାଇ ଆଜି ଧାରଣା ଦେଇଥିଲେ ଅଭିଭାବକ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗ୍ରାମସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରୁଥିବା ଗଣିତ ଏବଂ ବିଜ୍ଞାନଶିକ୍ଷକ ବେଣୁଧର ମହାରଣା ଦୀର୍ଘଦିନ ହେବ ଶିକ୍ଷକତା କରି ଆସୁଥିଲେ।ହେଲେ ତାଙ୍କର ଏବେ ବଣଭୂଇଁ ବଦଳିହେବା ଖବର ପାଇବାପରେ ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତହୋଇ ବିଦ୍ୟାଳୟର ମୁଖ୍ୟଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ତେବେ ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାନୋରାଙ୍କ ପ୍ରତିକ୍ରିୟା ଅନୁଯାୟୀ ସେ ଶିକ୍ଷକଙ୍କ ବଦଳି କଥା ଜାଣିଛନ୍ତି ଏବଂ ଗେଟ୍ ତାଲା ପକାଇବା କଥା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା କହିଥିଲେ।ତେବେ ଧାରଣାସ୍ଥଳରେ ନୀଳଗିରି ବ୍ଲକ୍ ଜନ ମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରିବାସହିତ ଉକ୍ତ ଆଶ୍ରମ ସ୍କୁଲର ଶିକ୍ଷକ ବେଣୁଧର ମହାରଣାଙ୍କ ବଦଳି ବାତିଲ କରାଯିବ କହିବାପରେ ଦିନ ୨.୩୦ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସିପିଆଇ(ଏମ) ନେତା ବଳରାମ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ , ୦୬/୧୧ (ନି.ପ୍ର): ଆଗରପଡସିପିଆଇ (ଏମ) ବନ୍ତ ଆଞ୍ଚଳିକ କମିଟି ସଭ୍ୟ, ସିପିଆଇ(ଏମ) ତେଲନଟି ଶାଖା ସଂପାଦକ,ଓଡିଶା କ୍ଷେତମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା କମିଟି ସଭ୍ୟ, ଆଗରପଡା ଓ ବନ୍ତ ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନ ର ପ୍ରତିଷ୍ଠାତା ସଭ୍ୟ ବରିଷ୍ଠ ଜନନେତା ବଳରାମ ଜେନା ଙ୍କ ଶ୍ରଦ୍ଧାଞ୍ଜଳୀ ସଭା ତାଙ୍କ ଗ୍ରାମ ତେଲନଟୀ ଠାରେ ଓଡିଶା କୃଷକ ସଭା ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ବିଦ୍ୟସିଂହ ନାୟକ, ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ବଳରାମ ଜେନା ଙ୍କ ନୀତି,ଲକ୍ଷ୍ୟ ଓ ରାଜନୈତିକ ସଂଗ୍ରାମ ସଂପର୍କରେ ଆଲୋଚନା କରିବା ସହ ବର୍ତ୍ତମାନ ମୋଦି ସରକାରଙ୍କ ଏକଛତ୍ରବାଦ ଶାସନ ବିରୁଦ୍ଧରେ ଲଢେଇ ତୀବ୍ରତର କଲେ ସଂଗ୍ରାମୀ ବଳରାମ ଜେନା ଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ପ୍ରକାଶ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଆଗରପଡା ଅଞ୍ଚଳ ସମେତ ଭଦ୍ରକ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଫେବୃଆରୀ ୧୬ରୁ...

ଜାତୀୟ ସ୍ତରର ବିଭିନ୍ନ ପ୍ରବେଶିକା ପରୀକ୍ଷା ସୂଚୀକୁ ମଧ ଧ୍ୟାନରେ ରଖାଯାଇଛି। ସମ୍ବନ୍ଧିତ ସ୍କୁଲଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାର୍ଥୀଙ୍କ ତାଲିକା ଦାଖଲ କରିଥିବାରୁ ଏତେ ଆଗୁଆ ସୂଚୀ ପ୍ରକାଶ ସମ୍ଭବ ହୋଇପାରିଛି ବୋଲି ସିବିଏସଇ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସଂଯମ ଭରଦ୍ୱାଜ ସୂଚନା ଦେଇଛନ୍ତି। ପରୀକ୍ଷା କାର୍ଯ୍ୟକ୍ରମ ଆଗୁଆ ପ୍ରକାଶ ପାଇବା ଫଳରେ ବିଦ୍ୟାର୍ଥୀଙ୍କ ମାନସିକ ଚାପ ହ୍ରାସ ପାଇବ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜସ୍ୱ କାର୍ଯ୍ୟକ୍ରମ ସହ ଅଣବୋର୍ଡ ଶ୍ରେଣୀଗୁଡ଼ିକର ଶିକ୍ଷାଦାନ ଅବ୍ୟାହତ ରଖିପାରିବେ। ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ବିସ୍ତୃତ ବିବରଣୀ ତଥା ବିଷୟୱାରୀ ତାରିଖ ସୂଚୀ ବୋର୍ଡର ଆନୁଷ୍ଠାନିକ ୱେବସାଇଟ୍ www.cbse.gov.inରେ ଉପଲବ୍ଧ ହୋଇଛି।

ରାଜ୍ୟର ସରକାରୀ....

ସେହିପରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୨୦ରୁ ବୃଦ୍ଧି ପାଇ ୫୩ ହୋଇଛି। ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୧୦ରୁ ବୃଦ୍ଧି ପାଇ ୫୪ ହୋଇଛି । ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ବୃଦ୍ଧି ପାଇ ୫୪ ହୋଇଛି। ଏହା ସହ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ୧୧ଟି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୭ଟି, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୩ଟି ଏବଂ ଭୀମସାର, ବୁର୍ଲାରେ ୧୧ଟି ପିଜି ସିଟ୍ ବୃଦ୍ଧି କରାଯାଇଛି । ଏହି ଅତିରିକ୍ତ ସିଟ୍‌ଗୁଡ଼ିକ ଆନାଟୋମି, ଆନାସ୍ଥେସିଓଲୋଜି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ୍, ଇଏନଟି , ଜେନେରାଲ ମେଡିସିନ୍, ଜେନେରାଲ ସର୍ଜରୀ, ମାଇକ୍ରୋବାୟୋଲୋଜି, ପ୍ରସୂତି ଓ ସ୍ତ୍ରୀରୋଗ, ଅର୍ଥୋପେଡିକ୍ସ, ପେଡିଆଟ୍ରିକ୍ସ, ପାଥୋଲୋଜି, ସାଇକିଆଟ୍ରି ଏବଂ ରେସ୍ପିରେଟୋରି ମେଡିସିନ୍ ଆଦି ୧୪ଟି ବିଭାଗରେ ଉପଲବ୍ଧ ହେବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପିଜି ସିଟ୍ ସଂଖ୍ୟା ବୃଦ୍ଧି ପାଇବା କେବଳ ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ନୁହେଁ, ବରଂ ରାଜ୍ୟରେ ଅଧିକ ସଂଖ୍ୟକ ଦକ୍ଷ ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ।

ମୁଖ୍ୟମନ୍ତ୍ରୀଙ୍କ ବଡ଼ ...

କଲେଜ୍ ପରିସରରେ ଡିଏମଏଫ୍ ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ କ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ କେନ୍ଦୁଝରଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୁଲିସ୍ ଆଉଟପୋଷ୍ଟ ଏବଂ ୩୦ଜଣିଆ ବାରାକ୍ ମଧ ଲୋକାର୍ପିତ ହୋଇଛି। ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ (ଏନସିଏମସି) ବା ମାଗଣା ବସ୍ ସେବା କାର୍ଡର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ଡିଏମଏଫ ପାଣ୍ଠିରୁ ୨୩ଟି ନୂତନ ଆମ୍ବୁଲାନ୍ସ ଏବଂ ସହରାଞ୍ଚଳଗୁଡ଼ିକୁ ପରିଚ୍ଛନ୍ନ ରଖିବା ପାଇଁ କେନ୍ଦୁଝର, ଯୋଡ଼ା ଓ ବଡ଼ବିଲ୍ ପୌରପାଳିକାକୁ ମୋଟ ୨୬ଟି ପରିମଳ ସାମଗ୍ରୀ, ଏଲସିଭି ଗାଡ଼ି, ଟ୍ରାକ୍ଟର, ସ୍ପ୍ରିଙ୍କଲର ଓ ସେସପୁଲ୍ ଗାଡ଼ି ପ୍ରଦାନ କରାଯାଇଛି। ଏହି ରାଜ୍ୟସ୍ତରୀୟ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ମମିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିସନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ବିଶାଲ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଭିଜିଲାନ୍ସ ଜାଲରେ...

ଲାଞ୍ଚ ମାଗିଥିଲେ, ପରବର୍ତ୍ତୀ ସମୟରେ ଗୁରୁବାର ୭ ହଜାର ଟଙ୍କାରେ ଡିଲ ଫାଇନାଲ ହୋଇଥିଲା, ଏନେଇ ଜ୍ଞାନ ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇ ଥିଲେ ତେବେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ ଜ୍ଞାନ ୭ ହଜାର ଟଙ୍କା ନେଇ ସବରେଜିଷ୍ଟର ମନୀଷା ମିଶ୍ରଙ୍କ ପାଖକୁ ଆସିଥିଲେ ଏବଂ ଟଙ୍କା ଦେଇଥିଲେ । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଭିଜିଲାନ୍ସ ବିଭାଗର ୧୧ ଜଣିଆ ଟିମ ମାଡି ବସିଥିଲା, ୭ ହଜାର ଟଙ୍କା ଜବତ କରିବା ସହ ସବ ରେଜିଷ୍ଟର ମନୀଷା ମିଶ୍ରଙ୍କୁ ହେପାଜତରେ ନିଆଯାଇଛି। ବାଲିଆପାଳ ଭଡା ଘର , ବାପା ମା ରହୁଥିବା ଭୁବନେଶ୍ୱର ଭଡା ଘର, ଝାରସୁଗୁଡ଼ା ପୈତୃକ ଘର ଏବଂ ଭଉଣୀ ଘର ଏକା ସମୟରେ ଚଢ଼ାଉ ଜାରି ରହିଛି ବୋଲି ଭିଜିଲାନ୍ସ ଅଧିକାରୀ ବିକାଶ ସ୍ୱାଇଁ କହିଛନ୍ତି। ତେବେ ଏନେଇ ମନୀଷା ମିଶ୍ରଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

ରାହୁଲ ଗାନ୍ଧୀଙ୍କୁ ...

ବିଜେପି ଏହାର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସଙ୍କେତ ଦେଇଛନ୍ତି। ସଭାରେ ଶାହ ଉତ୍ତରାଖଣ୍ଡରେ ଲାଗୁ ହୋଇଥିବା ସମାନ ନାଗରିକ ସଂହିତା (ୟୁସିସି) ପ୍ରସଙ୍ଗ ମଧ ଉଠାଇଥିଲେ । ରାଜ୍ୟର ପୂର୍ବ ନିର୍ବାଚନୀ ଫଳାଫଳର ଉଲ୍ଲେଖ କରି ଆଗାମୀ ବିଧାନସଭା ନିର୍ବାଚନରେ ହ୍ୟାଟ୍ରିକ୍ ବିଜୟ ସହିତ ୬୫ରୁ ଅଧିକ ଆସନ ଜିତିବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସଭା ମାଧ୍ୟମରେ ଅମିତ ଶାହ ଅନୁପ୍ରବେଶ ପ୍ରସଙ୍ଗ, ସୀମା ସୁରକ୍ଷା ଓ ରାଜ୍ୟରେ ବିଜେପିର ଆଗାମୀ ରାଜନୈତିକ ଲକ୍ଷ୍ୟକୁ ପ୍ରମୁଖତା ଦେଇଛନ୍ତି।

ମୁମ୍ବାଇର ୪ଟି ବଡ଼ ...

ସେଥିରେ ଅମିତାଭଙ୍କ ନାଁ ଉଲ୍ଲେଖ ଥିଲା । ତେବେ ସେହି ସମୟରେ ଅଧିକାରୀମାନେ ସ୍ପଷ୍ଟ କରିଥିଲେ ଯେ ଅମିତାଭଙ୍କୁ ସିଧାସଳଖ କୌଣସି ଧମକ ଦିଆଯାଇନଥିଲା । ନଭେମ୍ବର ୧ ତାରିଖରେ ପ୍ରତି ରବିବାର ଭଳି ନିଜ ଘର ବାହାରେ ପ୍ରଶଂସକଙ୍କୁ ଅଭିବାଦନ ଜଣାଇବାକୁ ଆସିଥିଲେ ଅମିତାଭ । କିନ୍ତୁ ଏଥର ସେ ସୁରକ୍ଷା ପାଇଁ ଏକ ସୁରକ୍ଷିତ କାଚ ଆବରଣ ପଛରେ ଠିଆ ହୋଇଥିଲେ। ପୁଅ ଅଭିଷେକ ବଚ୍ଚନ ମଧ ତାଙ୍କ ପାଖରେ ଥିଲେ । ଏହାପରେ ଅଲ୍ ଇଣ୍ଡିଆ ସିନେ ୱାର୍କର୍ସ ଆସୋସିଏସନ୍ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା । ଏହି ସବୁ ଘଟଣା ମଧ୍ୟରେ ଅକ୍ଟୋବର ୧୮ ତାରିଖରେ ଅଭିନେତା ଟାଇଗର ଶ୍ରଫ୍‌ଙ୍କ କାରକୁ ଗୁଳିମାଡ଼ ହୋଇଥିବା ଘଟଣା ମଧ ସାମ୍ନାକୁ ଆସିଥିଲା । ଏହାର ଦାୟିତ୍ୱ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନେଇଥିବା ଦାବି କରାଯାଇଥିଲା । ସେହିପରି ଚଳିତ ସପ୍ତାହରେ ଅଭିନେତା ତୁଷାର କପୁର ଓ ଆୟୁଷ୍ମାନ ଖୁରାନାଙ୍କୁ ମଧ ବିଷ୍ଣୋଇ ଗ୍ୟାଙ୍ଗ୍ ନାଁରେ ଧମକ ମିଳିଥିଲା । ଏହି ଧମକର ସତ୍ୟତା ଯାଞ୍ଚ କରୁଛି ପୁଲିସ । ଏହି ଘଟଣାରେ ବୁଧବାର ମୁମ୍ବାଇ କ୍ରାଇମବ୍ରାଞ୍ଚ ବେଙ୍ଗାଲୁରୁର ଜଣେ ୩୦ ବର୍ଷୀୟ ଆଇଟି ଇଞ୍ଜିନିୟରଙ୍କୁ ଗିରଫ କରିଛି । ତୁଷାର କପୁର ଓ ଆୟୁଷ୍ମାନ ଖୁରାନାଙ୍କୁ ଧମକ ଦେବା ଅଭିଯୋଗରେ ତାଙ୍କୁ ଧରାଯାଇଛି । ପ୍ରାଥମିକ ତଦନ୍ତରେ ତାଙ୍କର ବିଷ୍ଣୋଇ ଗ୍ୟାଙ୍ଗ୍ ସହ କୌଣସି ସମ୍ପର୍କ ଥିବାର ପ୍ରମାଣ ମିଳିନାହିଁ ।

ଓଡ଼ିଶାରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୦୬/୧୧ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଶୁକ୍ରବାର ରାଜ୍ୟରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଆଖୁ ଚାଷର ବର୍ତ୍ତମାନର ସ୍ଥିତି, ପ୍ରମୁଖ ଆହ୍ୱାନ, ଏବଂ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଆଖୁ ଚାଷର ଜମି ପରିମାଣ, ମୋଟ ଉତ୍ପାଦନ, ଉତ୍ପାଦକତା, ଚାଷୀମାନଙ୍କ ଆର୍ଥିକ ଲାଭ-କ୍ଷତି, ଚିନି କଳଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ 'ଟେକ୍ନୋଲୋଜି ମିଶନ ଅନ ସୁଗାରକେନ୍ ଡେଭେଲୋପ ମେଂଟ' ଓ ସମବାୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଉନ୍ନତମାନର ବିହନ ଆଖୁର ଉପଲବ୍ଧତା ନିଶ୍ଚିତ କରିବା, ଆଧୁନିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା, ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣ, କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀ ଓ ଚିନି କଳ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଏବଂ ଓଡ଼ିଶା ଆଖୁ ଚାଷୀ ସଂଘ ଦ୍ୱାରା ଉତଥାପିତ ଅତିରିକ୍ତ ଆର୍ଥିକ ସହାୟତା ଓ ଲାଭଦାୟକ ମୂଲ୍ୟ ପ୍ରଦାନ ସମ୍ବନ୍ଧୀୟ ଦାବିଗୁଡ଼ିକର ପରୀକ୍ଷା-ନିରୀକ୍ଷା ନେଇ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା।

ଶନିବାର, ନଭେମ୍ବର ୦୭, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପନ ଦିବସ



ବାଲେଶ୍ୱର , ୦୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ବସନ୍ତ କୁମାର ନାୟକ ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନୀୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ , ଜିଲ୍ଲା ସ୍କୁଲ ର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା , ଧରିତ୍ରୀ ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ବକ୍ତା ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଶିଶୁ ମାନଙ୍କ ଅନ୍ତ ନିହିର୍ତ ପ୍ରତିଭା ବିକାଶ ଓ ସୃଜନଶିଳତାର ପ୍ରୋତ୍ସାହନ ତଥା ଶିକ୍ଷା ସହିତ କଳା ସଂସ୍କୃତିର ସମନ୍ୱୟ ପାଇଁ ସୁରଭି ଉତ୍ସବ କହିଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ୮୦୦ ଛାତ୍ର ଛାତ୍ରୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ହସ୍ତ କଳା , ସାଧାରଣ ଜ୍ଞାନ , ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯେଉଁ ମାନେ ପ୍ରଥମ ଓ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସିଲ୍ ଦେଇ ଉତ୍ସାହିତ କରାଯାଇଥିଲା । ଏପରିକି ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଭା ମାନଙ୍କୁ ରାଜ୍ୟ ସ୍ତରୀୟ ସୁରଭି ପାଇଁ ମନୋନୀତ ଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ,ବିଆର୍ ସିସି , ସିଆର ସିସି ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚଞ୍ଚକତା ଅଭିଯୋଗ



ଲଙ୍ଗଳେଶ୍ୱର, ୦୬/୧୧ (ନି.ପ୍ର): ଗ୍ରାମାଞ୍ଚଳର ବିକାଶ ପାଇଁ ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାରେ ବାଲିଆପାଳ ବ୍ଲକର ବାଲିକୁଟି ପଞ୍ଚାୟତରେ ଅନିୟମିତତା ଅଭିଯୋଗ ଆସିଛି । ଦକ୍ଷିଣ ମହାବଳା ଗ୍ରାମରେ ଶ୍ରୀକାନ୍ତ ସାହୁଙ୍କ ଘରଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ନିର୍ଦ୍ଧାରିତ ସ୍ଥାନରେ କାମ ନକରି ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ ଓ ପୁରୁଣା ରାସ୍ତା ମରାମତି କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଅଲମାଡିହଠାରୁ ମାନ୍ଧାତା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ପୂର୍ବରୁ ଥିବା ଢଳାଇ ରାସ୍ତା ଉପରେ ମରାମତି କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତାର ଢଳାଇ ମୋଟେଇ କେତେକ ସ୍ଥାନରେ ୨ରୁ ୪ ଇଞ୍ଚ ରହିଥିବା ଏବଂ ନିମ୍ନମାନର କାମ ହୋଇଥିବା ନେଇ ପ୍ରଶ୍ନ ଉଠିଛି । ୱାର୍ଡ ମେମ୍ବର ବୁଦ୍ଧଦେବ ପ୍ରଦାନଙ୍କ ସମେତ ଅର୍ଜୁନ ହାଁସଦା, ସୁକୁଲ ସୋରେନ, ଶାନ୍ତି ହେମ୍ବ୍ରମ ଓ ଖେଲା ହାଁସଦା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ପ୍ରକଳ୍ପ ସମ୍ପର୍କରେ ଗ୍ରାମବାସୀଙ୍କୁ ସଠିକ ସୂଚନା ଦିଆଯାଇନାହିଁ । ଏଥିରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପଞ୍ଚାୟତ ସଭାପତି ରାମକୃଷ୍ଣ ପ୍ରଧାନଙ୍କ କାର୍ଯ୍ୟଧାରାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ନନ୍ଦୀ କାମ ହୋଇଥିବା ଦିନ ସେ ଅନୁପସ୍ଥିତ ଥିବା କହିଥିବା ବେଳେ, ଉଭୟ ପ୍ରକଳ୍ପର ଉଚ୍ଚସ୍ତରୀୟ ତଦନ୍ତ କରି ନିର୍ମାଣର ମାପ, ଗୁଣବତ୍ତା ଓ ଖର୍ଚ୍ଚର ଯାଞ୍ଚ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ ହେଲା ରାଧାମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ବାଲେଶ୍ୱର, ୦୬/୧୧ (ନି.ପ୍ର): ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସାମଗ୍ରିକ ବିକାଶ, ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୬୩୦ଟି ବିଦ୍ୟାଳୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଅନ୍ତର୍ଗତ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଓଲନ୍ଦା ସାରଗାଁ ଗ୍ରାମ ପଞ୍ଚାୟତସ୍ଥିତ ରାଧାମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ସାମିଲ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ଥାନୀୟ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟର ଶୈକ୍ଷିକ ଭିତ୍ତିଭୂମିର ଉନ୍ନତୀକରଣ ସହ ଆଧୁନିକ ଶିକ୍ଷା ଉପଯୋଗୀ ପରିବେଶ, ଉନ୍ନତ ସୁବିଧାସୁଯୋଗ ଏବଂ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ବିଶେଷକରି ଗ୍ରାମାଞ୍ଚଳର ପିଲାମାନେ ନିଜ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବାର ସୁବିଧା ପାଇବେ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ କହିଥିଲେ ଯେ, "ଶିକ୍ଷା ହେଉଛି ଏକ ସମୃଦ୍ଧ ସମାଜ ଓ ବିକଶିତ ରାଜ୍ୟ ଗଠନର ମୂଳଦୁଆ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଗ୍ରାମାଞ୍ଚଳର ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ବାଲେଶ୍ୱର ସଦରର ରାଧାମୋହନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହେବା ଆମ ଅଞ୍ଚଳର ଶିକ୍ଷା ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏହା ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ।" ବିଧାୟକ ଶ୍ରୀ ଦତ୍ତ ଏହି ଜନହିତକର ଯୋଜନା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ବାଲେଶ୍ୱର ସଦର ଅଞ୍ଚଳରେ ଶିକ୍ଷାର ବିକାଶ ଓ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଆରତୀ ଦାସ, ରବିନାରାୟଣ ପ୍ରଧାନ, ବୃନ୍ଦାବତୀ ପ୍ରଧାନ, ଜିତେନ ଜେନା, ସମିତିସଭ୍ୟା ରଶ୍ମିତା ନାୟକ, ଶିକ୍ଷା ଅଧିକାରୀ ବୃନ୍ଦ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ।

ବାଇକ ଏବଂ ଟ୍ରକ ମୁହାଁମୁହିଁ ଜଣେ ମୃତ: ଜଣେ ଗୁରୁତର

ବାଲିଆପାଳ ୬.୧୧(ଆପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ବ୍ରିଜ ନିକଟରେ ଟ୍ରକ ଏବଂ ବାଇକ ମୁହାଁମୁହିଁ ଧକ୍କା , ଘଟଣା ସ୍ଥଳରେ ଜଣେ ଭାଇର ମୃତ୍ୟୁ ହୋଇଥିବା ବେଳେ ସମ୍ପର୍କୀୟ ଅନ୍ୟ ଜଣେ ଭାଇ ଗୁରୁତର ହୋଇଛନ୍ତି, ମୃତକ ହେଲେ ତାଳସାରୀ ଥାନା ଅନ୍ତର୍ଗତ ସାହାପୁର ଅଞ୍ଚଳର ପ୍ରକାଶ ବେହେରା, ସୂଚନା ଅନୁଯାୟୀ ଆଜି ଅପରାହ୍ନ ରେ ପ୍ରକାଶ ବେହେରା ଏବଂ ତାଙ୍କ ସମ୍ପର୍କୀୟ ଭାଇ ଗୋଟିଏ ବାଇକରେ କୌଣସି କାମ ପାଇଁ ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ ସୁବର୍ଣ୍ଣରେଖା ବ୍ରିଜ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା , ଯାହା ଫଳରେ ଘଟଣା ସ୍ଥଳରେ ପ୍ରକାଶ ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଭାଇ ଗୁରୁତର ହୋଇଛନ୍ତି, ସ୍ଥାନୀୟ ଲୋକେ ଗୁରୁତର ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେ ଖବର ପାଇ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ଏବଂ ବାଇକ ଜବଦ କରିବା ସହ ଡ୍ରାଇଭର କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ: ପ୍ରତିଭାବାନ ପ୍ରତିଯୋଗୀ ଓ କଳାକାର ସମ୍ବର୍ଦ୍ଧିତ



ବାରିପଦା , ୦୬/୧୧ (ନି.ପ୍ର): ପାଲବାଣୀସ୍ଥିତ ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧ ତାରିଖରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କରେ ଏହି ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକାଡେମୀର ଅଧକ୍ଷା ଶୁଭସ୍ମିତା ଭାରତୀ ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ, ରାକେଶ କୁମାର ବେହେରା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଉତ୍ସବର ବିଭିନ୍ନ ପର୍ଯ୍ୟାୟରେ ଅତିଥି ଭାବେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଚଳଚ୍ଚିତ୍ର ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ, ଶୁଭେନ୍ଦୁ ସାହୁ, ଡିଭାଇନ୍ ଇଞ୍ଜିନିୟରିଂ କଲେଜ ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ୨୫ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ପାତ୍ର, କଳାକାର ତାପସ ପାଢ଼ୀ, ଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମ, ଆନ୍ତର୍ଜାତିକ ୟୁଟ୍ୟୁବର ଲବ ହାଁସଦା ଏବଂ ବାଲୁକା ଶିଳ୍ପୀ ସୁଦର୍ଶନ ମହାନ୍ତ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରକଳା, ମଡର୍ଣ୍ଣ ଡ୍ୟାନ୍ସ, ସେମି-କ୍ଲାସିକାଲ ଡ୍ୟାନ୍ସ ତଥା ଏକାଡେମୀର ଚିତ୍ରକଳା, କ୍ରାଫ୍ଟ, ହସ୍ତାକ୍ଷର ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବାରିପଦାର ବିଭିନ୍ନ ଚିତ୍ରକଳା ପ୍ରତିଷ୍ଠାନ ଓ ତାହାର ଅଧକ୍ଷ, ମଡର୍ଣ୍ଣ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଷ୍ଠାତା, କଳା ଅନୁଷ୍ଠାନ ଏବଂ ସ୍ଥାନୀୟ ୟୁଟ୍ୟୁବରମାନଙ୍କୁ ସମ୍ମାନିତ କରାଯାଇଥିଲା। ହରେନ୍ଦ୍ର ମହାନ୍ତ ଓ ଖୁସି କୁମାର ମଞ୍ଚ ପରିଚାଳନା କରିଥିଲେ।

ନବ ନିର୍ମାଣ କୃଷକ ଓ ମହିଳା ସଂଗଠନ ତରଫରୁ ମଦ ମୁକ୍ତ ଓଡ଼ିଶା ଗଠନ ପାଇଁ ଦାବି



ଉଦଳା , ୦୬/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଥିବା ନବ ନିର୍ମାଣ କୃଷକ ଓ ମହିଳା ସଂଗଠନ ତରଫରୁ ମିଳିତ ଭାବରେ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ଦାବି କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସଂଗଠନର କର୍ମି ମାନେ ଆଜି ନଭେମ୍ବର ୬ ତାରିଖ ଶୁକ୍ରବାର ଦିନ ଏକ ଶୋଭାଯାତ୍ରାରେ ବାହାରି ଉଦଳା ସହର ପରିକ୍ରମା କରିବା ସହ, 'ଚାଷିର ଜମିରେ ପାଣି ନାହିଁ- ମଦର ବନ୍ୟା କଣ ପାଇଁ ?', 'ସରକାରୀ ଓ ବେସରକାରୀ ମଦ ବିକ୍ରି ବନ୍ଦ କର' ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ଏହାପରେ ସମସ୍ତେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଉକ୍ତ ଦାବିପତ୍ରରେ ବର୍ତମାନ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟିର ସରକାର ଓଡ଼ିଶାକୁ ମଦ ମୁକ୍ତ କରିବା ପାଇଁ ନିର୍ବାଚନି ଇସ୍ତାହାର ପତ୍ର ଘୋଷଣା କରିଥିଲେ । କିନ୍ତୁ କ୍ଷମତାକୁ ଆସିବାର ଦିର୍ଘ ୨ ବର୍ଷ ସମୟ ବିତି ଯାଇଥିଲେ ମଧ୍ୟ ମଦ ବନ୍ଦ ପାଇଁ କୌଣସି ପଦକ୍ଷେପ ନନେବା ଦୁଃଖଦାୟକ ବିଷୟ ବୋଲି ଉଲ୍ଲେଖ ରହିଛି । ନବନିର୍ମାଣ କୃଷକ ଓ ମହିଳା ସଂଗଠନର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ ଆଣିଲେ ବାପା

ନୀଳଗିରି , ୦୬/୧୧ (ନି.ପ୍ର): ସନ୍ଧ୍ୟାରେ ନିଖୋଜ, ସକାଳେ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ପରେ ପୁଅକୁ ହତ୍ୟାକରାଯାଇଥିବା ଅଭିଯୋଗ ଆଣିଛନ୍ତି ମୃତ ଯୁବକଙ୍କ ବାପା। ସୂଚନା ମୁତାବକ ନୀଳଗିରି ଥାନା ମିତ୍ରପୁର ଅଞ୍ଚଳର ଭରତ ଜେନାଙ୍କ ସାନପୁଅ ଶୁଭମ ଜେନା(୨୮) କୁରୁଡା ନିକଟରେ ଏସ ଏସ ମଟର ନାମରେ ପାର୍ଟନରରେ ଏକ ପୁରୁଣା କାର୍ ସୋରୁମ୍ କରି ବ୍ୟବସାୟ କରି ଆସୁଥିଲେ। ଗତ ୫ତାରିଖ ଗୁରୁବାର ନିଜର ସାଙ୍ଗସହିତ କୌଣସି କାମରେ ନୀଳଗିରି ତହସିଲ ଆସି କାମସାରି ବାଲେଶ୍ୱର ଯାଇଥିଲେ। ବାଲେଶ୍ୱରରୁ ଫେରି ସାଙ୍ଗକୁ ମିତ୍ରପୁରରେ ଛାଡ଼ି କପ୍ତିପଦା ଯାଉଛି, ସନ୍ଧ୍ୟା ୬ଟା ସୁଦ୍ଧା ଫେରିଆସିବି ବୋଲି ମାଆକୁ ଫୋନ କରିଥିଲେ। ୬ଟାରେ ମା ଫୋନ୍ କରିଥିଲା ବେଳେ ଯାଉଛିବୋଲି ଶେଷ କଲ୍ କରିଥିଲେ। ପରେ ସୁଇଚ ଅଫ୍ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ପୁଅକୁ ନପାଇ ଶେଷରେ ପରିବାର ଲୋକେ ନୀଳଗିରି ଥାନାରେ ପହଞ୍ଚି ପୁଅର ନିଖୋଜନେଇ ଏକ ଏତଲା ଦେଇଥିଲେ। ଶୁକ୍ରବାର ୧୯ନଂ ରାଜ୍ୟରାଜପଥ ଭାଲୁକାଶୁଣି ନିକଟସ୍ଥ ତିନିକୋଶିଆ ଜଙ୍ଗଲ ଦେବଯାନୀ ଛକ ନିକଟରେ ସ୍ଥାନୀୟଲୋକେ ଏକ ଶାଳଗଛରେ ଧଳାଧୋତି ବେକରେ ଲଗାଇ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପାଖରେ ଓଡି -୦୧ ଏ ଏ - ୮୭୩୪ ନମ୍ବର ପଲସର ମଟରସାଇକେଲ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।ଖବର ପ୍ରଚାରିତ ହେବାପରେ ମୃତ ଯୁବକଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଚିହ୍ନଟ କରିଥିଲେ। ଖବରପାଇ ବରହମପୁର ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ଘଟଣାସ୍ଥଳରେ ମୃତକ ଶୁଭମଙ୍କ ବାପା ଅଭିଯୋଗ ପତ୍ର ଲେଖିବାପରେ ଶବକୁ ଗଛରୁ ଓହ୍ଲା ଯାଇଥିଲା। ପରେ ଶୁଭମଙ୍କ ପକେଟରୁ ଏକ ହାତଲେଖା ଚିଠି, ୯ଟି ପାଞ୍ଚଶହ ଟଙ୍କିଆ ନୋଟ୍, ଦୁଇଟି ସାମସଙ୍ଗ ମୋବାଇଲ୍ ଏବଂ ମଟର ସାଇକେଲ ଚାବି ମିଳିଥିଲା। ପରେ ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ତେବେ ଶୁଭମଙ୍କ ବାପା ଅଭିଯୋଗପତ୍ରରେ ରେମୁଣା ଥାନା ଅଞ୍ଚଳର ଦେବାଶିଷ ଦାସ ନାମକ ବ୍ୟକ୍ତିଙ୍କ ହାତଥିବା ଉଲ୍ଲେଖ କରିଛନ୍ତି। ସଂପୃକ୍ତ ବ୍ୟକ୍ତି ଜଣକ ଶୁଭମ୍ ଙ୍କ ନିକଟରୁ ୨୦ଲକ୍ଷ ଟଙ୍କା ନେଇଥିବା ବେଳେ ଫେରସ୍ତ ନକରିବାରୁ ଗତକାଲି ମିତ୍ରପୁର ନିକଟସ୍ଥ ଚଣ୍ଡିପୁର ଛକନିକଟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଏଫ୍ ଆଇ ଆର୍ ରେ ଶୁଭମ୍ ଙ୍କ ବାପା ଉଲ୍ଲେଖ କରିଛନ୍ତି ଏବଂ ପୁଅର ମୃତ୍ୟୁପାଇଁ ଦେବାଶିଷର ହାତଥିବା କହିଛନ୍ତି। ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ଏମ୍.ନାୟକ ସୂଚନା ଦେଇଛି। ଏନେଇ ବରହମପୁର ଥାନାରେ ୧୩୬/୨୬ରେ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି।

ବାଲେଶ୍ୱର ଜିଲ୍ଲା ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢାଉ : ୨୭୭ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ ଜବତ



ବସ୍ତା, ୦୬/୧୧ (ନି.ପ୍ର): ପାଞ୍ଚ ଗିରଫ । ସୂଚନା ଅନୁସାରେ ବସ୍ତା ବ୍ଲକର ଭେଲୋରା , ଚଣ୍ଡୀପୁର ଓ ସହିତ ପୁରୁଣା ବାଲେଶ୍ୱର ର ବଡଖୁଆ ଆଦି ସ୍ଥାନରୁ ଦେଶୀମଦ ଭର୍ତ୍ତି ହୋଇ ରାଜପଥ ଉପର ଦେଇ ବିକ୍ରି ହେବା ପାଇଁ ଆସୁଥିବା ଖବର ପାଇ ବସ୍ତା ଅବକାରୀ ବିଭାଗ ପକ୍ଷରୁ ଭେଲୋରା ନିକଟରେ ଚଢାଉ କରାଯାଇ ବାଇକ ଚାଳକକୁ ଗିରଫ୍ କରାଯାଇଥିବା ଜଣାପଡିଛି।ତେବେ ପ୍ରତ୍ୟେକ ଦିନ ଦେଶୀ ମଦ ବିଭିନ୍ନ ଗାଡ଼ିରେ ଭର୍ତ୍ତି ହୋଇ ରାଜପଥ ଉପର ଦେଇ ବସ୍ତା ଥାନାର ବିଭିନ୍ନ ସ୍ଥାନକୁ ଯୋଗାଣ ହୋଇଥାଏ। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବାରୁ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବସ୍ତା ଅବକାରୀ ଥାନା ଅଧିକାରୀ ଜଗନ୍ନାଥ ଭିତିରିଆ ସଦଳବଳେ ଭେଲୋରା ନିକଟରେ ଚଢ଼ାଉ କରି ଗୋଟିଏ ବାଇକ ସହ ମୋଟ ୨୭୭ ଲିଟର ଦେଶୀମଦ ଜବତ କରିଥିଲେ। ଏବଂ ଏଥିରେ ସମ୍ପୃକ୍ତ ପାଞ୍ଚ ଜଣ ଙ୍କୁ ଭିନ୍ନ ଭିନ୍ନ କେଶ ରେ କୋର୍ଟ ପଠାଯାଇଥିବା ଜଣା ପଡିଛି.ଉକ୍ତ ଚଢାଉ ସମୟରେ ଏ ଏସ ଆଇ ଦିଲ୍ଲୀପ ଟୁଡୁ ଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

ବାଲିଆପାଳରେ ଅବକାରୀ ବିଭାଗର ଚଢ଼ାଉ: ୮୦ ଲିଟର ଦେଶି ମଦ ସହିତ ତିନି ଗିରଫ

ବାଲିଆପାଳ , ୦୬/୧୧ (ନି.ପ୍ର): ଶୁକ୍ରବାର ଅବକାରୀ ଅଧିକ୍ଷକ, ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ଅବକାରୀ ଥାନା ପକ୍ଷରୁ ଏକ ଟିମ ବାଲିଆପାଳ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇଥିଲା। ଏହି ଚଢ଼ାଉରେ ତିନିଜଣ ଆସାମୀଙ୍କୁ ଗିରଫ କରାଯାଇଛି। ଆସାମୀ ତିନିଜଣ ହେଲେ ବିରିପାଲିଆ ଗ୍ରାମର ନରେନ୍ଦ୍ର ପଣ୍ଡିତ, ପାଳପଡା ଗ୍ରାମର ରାଜେଶ କୁମାର ଦାସ ଏବଂ ହାସିମପୁର ଗ୍ରାମର ବିଶୁ ମୁର୍ମୁ। ତାଙ୍କ ଠାରୁ ସର୍ବ ମୋଟ ୮୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ବାଲିଆପାଳ ଅବକାରୀ ଥାନା ଅଧିକାରୀ ସୁନିଲ କୁମାର ମାଝୀ, ଏସ ଆଇ ରବିନାରାୟଣ ରଣା, କନେଷ୍ଟବଳ ବାସୁଦେବ କାମିଲା, କୁମୁଦିନୀ ସାହ ପ୍ରମୁଖ ଉପସ୍ଥିତ ଥିଲେ।

ଆଭାସି ମାଧ୍ୟମରେ ତୃତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଆପାଳ , ୦୬/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ୬୩୦ ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ସ୍ଥିତ ବଡତାଳପଦା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଡଗରା ପ୍ରାଥମିକ ବିଦ୍ୟାଳୟ ଏହି କ୍ରମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତର ସୁଯୋଗ ପାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଭାସି କାର୍ଯ୍ୟକ୍ରମରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୋମା ରାଣୀ ସେଠୀ, ବିଧାୟିକାଙ୍କ ପ୍ରତିନିଧି ଗୋବିନ୍ଦ ପ୍ରସାଦ ଦାସ,ସରପଞ୍ଚ କାଞ୍ଚନ ବାଳା ମାହାନା, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ସମିତି ସଦସ୍ୟା ଗାୟତ୍ରୀ ମଙ୍ଗରାଜ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ସିଆରସିସି ପତିତପାବନ ପ୍ରଧାନ, ପ୍ରୋଗ୍ରାମ କୋର୍ଡ଼ିନେଟର ବ୍ୟୋମକେଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ସୁକାନ୍ତ କୁମାର ପରିଡା, ଅମିତା ରାଣୀ ଦାସ, ନିହାର ରଞ୍ଜନ ଜେନା, ଚତୁର୍ଭୁଜ କରଣ,ଶିବେଶ କୁମାର ମହାପାତ୍ର, ତଥା ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida